READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ବର୍ଷ-୩ | ସଂଖ୍ୟା-୦୬ | ୧୮ - ୨୪ ଫେବୃଆରୀ, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-06 | 18th - 24th FEBRUARY, 2019 | BHUBANESWAR | ₹ 5/- (8 Pages)

ଭୋଟ ଚର୍ଚ୍ଚା:୨୦୧୯

## ବାଲେଶ୍ୱର ସଂସଦୀୟ କ୍ଷେତ୍ର

## ବିଜେପି ଉଠୁଛି, ବିଜେଡି ସ୍ଥିର, କଂଗ୍ରେସ ଜିରୋ



**ବାଲେଶ୍ୱର, (କୈଳାସ ବେହେରା) :** ଆଗାମୀ ସାଧାରଣ ନିର୍ବାଚନ ପାଇଁ ସମ୍ଭବତଃ ଆସନ୍ତା ମାସରେ ତାରିଖ ଘୋଷଣା ହେବ। ଓଡ଼ିଶାରେ ଏକା ସଙ୍ଗେ ହେବ ଲୋକସଭା ଓ ବିଧାନସଭା ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳ ଗୁଡ଼ିକ କ୍ଷେତ୍ର ପ୍ରସ୍ତୁତି ଆରମ୍ଭ କରିଦେଲେଣି। ପ୍ରାର୍ଥୀ ତାଲିକା ପ୍ରକାଶ ପାଇନଥିଲେ ହେଁ ଚାଲିଲାଣି ନିର୍ବାଚନ ପ୍ରଚାର। ଗୋଟିଏ ଦଳର ନେତା ଅନ୍ୟ ଦଳର ଗୁମର ଖୋଲୁଛି। ପତିଆରା ଜାହିର କରିବା ପାଇଁ ଚାଲିଛି ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ। କଂଗ୍ରେସ ଓ ବିଜେପି ଓଡ଼ିଶର ଶାସନ ଗାଦି ଉପରେ ନଜର ପକାଇଥିବା ବେଳେ ୧୯ ବର୍ଷ ଧରି ରାଜ୍ୟ ଶାସନ କ୍ଷମତାରେ ଥିବା ବିଜେଡି ମଧ୍ୟ ଗାଦି ସୁରକ୍ଷା ପାଇଁ ଚଳାଇଛି ଜୋରଦାର ପ୍ରୟାସ।

ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଭୌଗଳିକ ରାଜନୈତିକ ଦୃଷ୍ଟିକୋଣରୁ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଓଡ଼ିଶାରେ ଅନ୍ୟତମ। ଏଠାରେ କଳା ସାହିତ୍ୟରେ ମଧ୍ୟ ଆଗୁଆ। ଏଠାକାର ଲୋକେ ଧାନ ଚାଷ, ମତ୍ସ୍ୟଚାଷ ଉପରେ ନିର୍ଭର କରନ୍ତି। ଚାନ୍ଦିପୁର ଘାଟି ମଧ୍ୟ ପ୍ରସିଦ୍ଧ। ଏଠାକାର ଲୋକେ ସର୍ବାଧିକ ଶିକ୍ଷିତ। ପ୍ରତ୍ୟେକ ଥର ଏଠାରୁ ଯୋଗ୍ୟ ନେତାଙ୍କୁ ବାଛି ଲୋକସଭାକୁ ପଠାନ୍ତି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ସାତଟି ବିଧାନସଭା କ୍ଷେତ୍ର ଯଥା : ବାଲେଶ୍ୱର ଜିଲ୍ଲାରୁ ପାଞ୍ଚଟି ଏବଂ ମୟୁରଭଞ୍ଜରୁ ବଡସାହିକୁ ନେଇ ଗଠିତ ଗତ ନିର୍ବାଚନରେ ସାତଟିରୁ ଛଅଟି ବିଜେଡି ଏବଂ ଗୋଟିଏ ରେମୁଣାରେ ବିଜେପିର ବିଧାୟକ ଜିତିଥିଲେ। ଏପରି ସ୍ଥଳେ। ଏଠାରେ ବିଜେଡି ବହୁତ ଭଲ ସ୍ଥିତିରେ ଅଛି। ୨୦୦୯ରେ କଂଗ୍ରେସର ଶ୍ରୀକାନ୍ତ ଜେନା ଲୋକସଭା ନିର୍ବାଚନ ଜିତିଥିବା ବେଳେ ତା' ପୂର୍ବରୁ ଲଗାତାର ତିନିଥର ବିଜେପିର ଐର ଖାରବେଳ ସ୍ୱାଇଁ ଜିତିଥିଲେ। କିନ୍ତୁ ୨୦୧୪ରେ ନୂଆକରି ରାଜନୀତିକୁ ଆସି ବିଜେଡିର ଶିଳ୍ପପତିରୁ ନେତା ହୋଇଥିବା ରବୀନ୍ଦ୍ର ଜେନା ତାଙ୍କର ନିକଟତମ ଦୁଇ ଦୁଇଜଣ ହେଭିଓ୍ୱେଟ୍ ନେତାଙ୍କୁ ପଛରେ ପକାଇ ବିଜେପିର ପ୍ରତାପ ଷଡଙ୍ଗୀଙ୍କୁ ୧ଲକ୍ଷ ୪୨ ହଜାର ଭୋଟରୁ ଅଧିକ ଭୋଟରେ ହରାଇ ଜିତିଥିଲେ। କଂଗ୍ରେସର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ତୃତୀୟ ସ୍ଥାନରେ ରହି ୨ ଲକ୍ଷ ୭୭ ହଜାର ଭୋଟ ପାଇଥିଲେ। ବିଜେପିର ପ୍ରତାପ ଷଡଙ୍ଗୀ ଇଛା ନଥାଇ ଲଢ଼ି ମାତ୍ର ୨ ଲକ୍ଷ ୯୨ ହଜାର ଭୋଟ ପାଇ ଦ୍ୱିତୀୟରେ ରହିଥିଲେ। କାରଣ ଉତ୍ତର ବାଲେଶ୍ୱରରେ ବିଜେପି ସ୍ଥିତି ବହୁତ ଦୁର୍ବଳ ଥିଲା। ରବୀନ୍ଦ୍ର ଜେନା ସର୍ବାଧିକ ୪ଲକ୍ଷ ୩୪ ହଜାରରୁ ଅଧିକ ଭୋଟ ପାଇ ପ୍ରମାଣ କରିଥିଲେ ନୂଆ ନୁହେଁ ବରଂ ଏକ ଦୃଢ଼ ସଂଗଠକ ତଥା ସମସ୍ତଙ୍କ ଗ୍ରହଣଯୋଗ୍ୟ ନେତା ଏବଂ ବାଲେଶ୍ୱର ମାଟିର ପୁଅ। ଏହାପୂର୍ବରୁ ଦୁଇ ଦଶନ୍ଧିରୁ ଅଧିକ ହେବ ବାଲେଶ୍ୱର ବାହାରର ନେତା ଏଠାରୁ ସାଂସଦ ଭାବେ ଜିତି ଆସୁଥିଲେ। ଯଦି ଆମେ ଦେଖିବା ଗତ ନିର୍ବାଚନରେ ନୂଆ ସାଂସଦ ରବୀନ୍ଦ୍ରଙ୍କ କାର୍ଯ୍ୟକ୍ରମ ➤ ପୃ-୬

## ଦେଶ ଚାହେଁ ପ୍ରତିଶୋଧ




**ନୂଆଦିଲ୍ଲୀ :** ୨୦୦୦ ମସିହାରେ ଭାରତରେ ଆତଙ୍କବାଦୀ ଆକ୍ରମଣ ଇତିହାସରେ ପ୍ରଥମ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ସେହିବର୍ଷ ତିନି ତିନୋଟି ଏଭଳି ଘଟଣା ଭାରତର ଲୋକଙ୍କ ମନକୁ ଦୋହଲାଇ ଦେଇଥିଲା। ଏପ୍ରିଲ ୧୯ ତାରିଖରେ ଶ୍ରୀନଗରର ସେନା ମୁଖ୍ୟାଳୟ ଆଗରେ ଏକ ବିସ୍ଫୋରକ ଭର୍ତ୍ତି କାର୍‌କୁ ଏଥିପାଇଁ ନିୟୋଜିତ କରାଯାଇଥିଲା। ସେବେଠାରୁ ପାକିସ୍ତାନ ଭାରତ ଉପରେ ଯେପରି ବର୍ବୋରଚିତ କାଣ୍ଡ ଘଟାଇ ଚାଲିଛି ତାହାର ସଠିକ୍ ଜବାବ ତାକୁ ମିଳିପାରୁ ନଥିବାରୁ ଏହି ଘଟଣା ବଢ଼ି ବଢ଼ି ଚାଲିଛି। ସମ୍ପ୍ରତି ପୁଲଓ୍ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ଆତଙ୍କୀ ହମ୍‌ଲା ସମଗ୍ର ଦେଶର ରାଜନେତା ଓ ଜନସାଧାରଣଙ୍କୁ ଏହା ଏକ ଖୋଲା ଚ୍ୟାଲେଞ୍ଜ ପରି। ତେଣୁ ଏହି ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳ ଏକଜୁଟ୍ ହୋଇ ସରକାରଙ୍କ ପଛରେ ଛିଡ଼ା ହେବା ସହ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସଂକଳ୍ପ କରିଛନ୍ତି। ଆତଙ୍କବାଦ ବିରୋଧରେ ସମ୍ପୂର୍ଣ୍ଣ ରାଷ୍ଟ୍ରର ସ୍ୱର ଏବେ ଗୋଟିଏ। ସେନା କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ସମର୍ଥନ ପାଇଁ ସବୁ ଦଳ ଏକମତ ହୋଇଛନ୍ତି। ➤ ପୃ-୬

## ମହାନଦୀ ଶୃଙ୍ଖଳା, ରାଜନୀତି ତେଜିଲା



**ଭୁବନେଶ୍ୱର,(ତାରକ ମହାନ୍ତି) :** ଛତିଶଗଡ଼ରେ ରମଣ ସିଂହ ସରକାରଙ୍କ ପତନ ପରେ କଂଗ୍ରେସ ସେଠାରେ ନୂଆ ସରକାର ଗଢ଼ିଛି। ହେଲେ ମହାନଦୀକୁ ନେଇ ଛତିଶଗଡ଼ ସହ ଓଡ଼ିଶାର ଜଳ ବିବାଦ ଥମିବାର ନାଁ ଧରୁନି। ନିର୍ବାଚନ ପୂର୍ବରୁ ମହାନଦୀକୁ ନେଇ ରାଜ୍ୟରେ ପୁଣିଥରେ ରାଜନୀତି ତେଜୁଛି। ମହାନଦୀ ଜଳ ବିବାଦର ସମାଧାନ ଲାଗି ପୂର୍ବରୁ ରାଜ୍ୟ ପିସିସି ସଭାପତି ଦମ୍ଭୋକ୍ତି ଦେଖାଇଥିଲେ ଯେ, ଛତିଶଗଡ଼ରେ କଂଗ୍ରେସ ସରକାର ଆସିବା ଫଳରେ ମହାନଦୀ ସମସ୍ୟାର ସମାଧାନ ନିଶ୍ଚୟ ହୋଇଯିବ। କିନ୍ତୁ ପୂର୍ବରୁ ରମଣଙ୍କ ବିଜେପି ସରକାର ମହାନଦୀକୁ ନେଇ ଯେଭଳି ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ ବର୍ତ୍ତମାନର କଂଗ୍ରେସ ସରକାର ସମାନ ଆଚରଣ ଦେଖାଉଛନ୍ତି। ବିବାଦ ତୁଟିବ କ'ଣ କ୍ଷମତା ହାସଲ କରିବା ପରେ ଛତିଶଗଡ କଂଗ୍ରେସର ସ୍ୱର ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡ଼ିଶାରେ କଂଗ୍ରେସ ସରକାରକୁ ଆସିଲେ ମହାନଦୀ ବିବାଦର ସମାଧାନ ହେବ ବୋଲି ନେତା କହୁଛନ୍ତି। ଭୂପେଶ ବାଘେଲ ଛତିଶଗଡ଼ରେ କ୍ଷମତାକୁ ଆସିବା ପରେ ଓଡ଼ିଶା କଂଗ୍ରେସରେ ଯେଉଁ ଖୁସିର ଲହରି ଖେଳି ଯାଇଥିଲା ସେଥିରେ ଏବେ ଭଟ୍ଟା ପଡିବାକୁ ଯାଉଛି। ଯେହେତୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଛତିଶଗଡ଼ରେ କଂଗ୍ରେସ ସରକାର ଗଠନ ପରେ ମହାନଦୀ ବିବାଦକୁ ନେଇ ଯେଭଳି ସମାଧାନର ସୂତ୍ର ବାହାର କରିଥିଲେ ତାହା ଏବେ କାର୍ଯ୍ୟରେ ପରିଣତ ହୋଇନପାରିବାରୁ ଏହା ଜଟିଳ ହେବାକୁ ବସିଛି। ସେତେବେଳେ ଉଭୟ ଶାସକ ବିଜେଡି ଓ କଂଗ୍ରେସ ମହାନଦୀ ସମସ୍ୟା ପାଇଁ ରମଣ ସିଂହ ସରକାର ଓ ବିଜେପିକୁ ଦୋଷାରୋପ କରୁଥିଲା ବେଳେ ବର୍ତ୍ତମାନ ଏହା କଂଗ୍ରେସ କୋର୍ଟରେ ଗଡୁଛି। ଏହି ପ୍ରସଙ୍ଗରେ କଟା ଘା'ରେ ଚୁନ ମାରିଲା ପରି ବିଜେପି କଂଗ୍ରେସ ଓ ବିଜେଡିକୁ ଦୋଷ ଦେଉଛି। ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି କେନ୍ଦ୍ର ସରକାରଙ୍କ ଉଦ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିଲା। ➤ ପୃ-୬




## ବକ୍ରବାଣୀ



ଏତେ ଦିନ ତୁମେ କଉଁଠି ଥିଲ
ଭୋଅଟ ବେଳକୁ ଆଉଚ ଭଲ
ଯୋଜନା ପରେ ଯୋଜନା କରୁଛ
ଦିନ ରାତି ଖାଲି ଶୁଭ ଦଉଛ
ଭେଳିକି ଦେଖେଇ ଭୋଟ ମାଗୁଛ
ଭୋଟ ପରେ ସବୁ ଭୁଲି ଯାଉଛ
ଗରୀବ ଥାଳିରେ ମାରୁଛ ଢେଲା
ତୁମକୁ ଧରମ ସହିଲେ ହେଲା
କୋଟି କୋଟି ଟଙ୍କା ଖରଚ ହୁଏ
ଖିଲି ଖିଲି ହାସ କି ଶୋଭାପାଏ।

——— ଟୁଟୁ

## ପ୍ରିୟଙ୍କା ଭରସା



**ଭୁବନେଶ୍ୱର :** ସ୍ୱାଧୀନତା ପରେ ଦେଶର ଶାସନ କ୍ଷମତା ସର୍ବାଧିକ କଂଗ୍ରେସ ହାତରେ ହିଁ ଥିଲା। ଜବାହାରଲାଲ ନେହେରୁ, ଗୁଲୁଜାରୀଲାଲ ନନ୍ଦା, ଲାଲବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ପି.ଭି. ନରସିଂହରାଓଙ୍କ ପରେ ମନମୋହନ ସିଂହ ଭାରତର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ରାଜୀବଙ୍କ ଦେହାନ୍ତ ପରେ ଗାନ୍ଧି ପରିବାରରୁ ଆଉ କେହି ପ୍ରଧାନମନ୍ତ୍ରୀ ହୋଇପାରିନାହାନ୍ତି। ଭାରତୀୟ ଜନତା ପାର୍ଟିର ଉତ୍ଥାନ ପରେ ବଂଶବାଦ ରାଜନୀତିକୁ ନେଇ ଗାନ୍ଧି ପରିବାରକୁ ସର୍ବଦା ପ୍ରଧାନମନ୍ତ୍ରୀ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଚେଷ୍ଟା ଚାଲିଛି। ଏହି ପରିବାରର ବୋହୂ ସୋନିଆ ଗାନ୍ଧିଙ୍କୁ ବିଦେଶୀନୀ କହି ପ୍ରଧାନମନ୍ତ୍ରୀତ୍ୱରୁ ଦୂରେଇ ରଖିବା ଦିଗରେ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ଯଶ ଅର୍ଜନ କରିବେ।

**ବୃଷ** କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ। ରାଜନୀତିରେ ଶୁଭଫଳ ପାଇବେ।

**ମିଥୁନ** କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ସିଂହ** ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**କନ୍ୟା** ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ତୁଳା** ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ।


**ବିଛା** ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମକର** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।

**ମୀନ** ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଭାରତ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୈତିକ ରାଷ୍ଟ୍ର : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ଷୋଡ଼ଶ ଲୋକସଭାର ଅନ୍ତିମ ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଶେଷ ଅଭିଭାଷଣ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଅବସରରେ ନିଜର ସଫଳତା ବଖାଣିବା ସହ ବିରୋଧୀ ଦଳ ସହ ଘଟିଥିବା ପ୍ରତ୍ୟେକଟି ମୁହୂର୍ତ୍ତକୁ ମନେ ପକାଇଥିଲେ। ବଜେଟ୍ ଅଧିବେଶନର ଅନ୍ତିମ ଦିନରେ ଅଭିଭାଷଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୈତିକ ରାଷ୍ଟ୍ର। ଭାରତର ଆର୍ଥିକ ସ୍ଥିତି ଏବେ ୫ ଟ୍ରିଲିଅନ୍ ଡଲାର ଛୁଇଁଛି। ଏବେ ବିଶ୍ୱର ବହୁ କମ୍ପାନୀ ମୁହଁରେ ଭାରତ କଥା ଗୁଞ୍ଜରିତ ହେଉଛି। ଡିଜିଟାଲ ୱାର୍ଲଡରେ ଭାରତ ନିଜକୁ ଦୃଢ଼ତାର ସହ ଅବସ୍ଥାପିତ କରିପାରିଛି। ମେକ୍ ଇନ୍ ଇଣ୍ଡିଆ ଜରିଆରେ ବହୁ ବିଦେଶୀ କମ୍ପାନୀ ଭାରତକୁ ଆସିଛନ୍ତି। ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ସରକାରକୁ ବିଶ୍ୱ ସ୍ୱୀକୃତି ପ୍ରଦାନ କରିଥାଏ କହି ସେ ଆସନ୍ତା ନିର୍ବାଚନରେ ବିଜେପିକୁ ଏକକ ସଂଖ୍ୟାଗରିଷ୍ଠତା ପ୍ରଦାନ କରିବାକୁ ଏକପ୍ରକାର ସଙ୍କେତ ଦେଇଥିଲେ। ଭାରତ ସରକାର ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ନଥିବାରୁ ଆନ୍ତର୍ଜାତିକ ସ୍ତରରେ ବହୁ ଘାତ ପ୍ରତିଘାତର ଶିକାର ହେଉଥିବା କହିଥିଲେ। ସେ ପୁଣି କହିଥିଲେ ଯେ ୩୦ ବର୍ଷର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଅଣ କଂଗ୍ରେସ ସରକାରକୁ ସଂଖ୍ୟାଗରିଷ୍ଠତା ମିଳିଥିଲା। ଏହା ପୂର୍ବରୁ ଅଣ କଂଗ୍ରେସ ସରକାର ଭାବେ ଅଟଳ ବିହାରୀ ବାଜପେୟୀ ସରକାର ଗଠନ କରିଥିଲେ। ବିଜେପି ନେତୃତ୍ୱାଧୀନ ସରକାରକୁ ଦେଶ ଶାସନ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ୧୨୫ କୋଟି ଦେଶବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। ତାଙ୍କ



ଅମଳରେ ସଂସଦରେ ୨୧୯ଟି ବିଲ୍ ଆଗତ ହୋଇଥିବା ବେଳେ ୨୦୩ଟି ଅନୁମୋଦନ ଲାଭ କରିଛି। ଦେଶରେ କଳାଧନ ଓ ଦୁର୍ନୀତି ନିରାକରଣ ପାଇଁ ତାଙ୍କ ସରକାର କଠୋର ଆଇନ ପ୍ରଣୟନ କରିଛନ୍ତି। ଖାସ୍ ଏହି ଦୁଇଟି ପଦକ୍ଷେପ କାରଣରୁ ଲୋକମାନେ ଷୋଡ଼ଶ ଲୋକସଭାକୁ ସବୁଦିନ ପାଇଁ ମନେରଖିବେ ବୋଲି ମୋଦୀ କହିଥିଲେ। ଦେଶରୁ କୋଟି କୋଟି ଟଙ୍କା ଲୁଟିନେଇ ବିଦେଶ ପଳାୟନ କରିଥିବା ଲୋକଙ୍କୁ ଧରିବା ପାଇଁ ତାଙ୍କ ସରକାର କଠୋର ଆଇନ ବ୍ୟବସ୍ଥା ଲାଗୁ କରିଛନ୍ତି। ଇତିମଧ୍ୟରେ ବହୁ କେଲେଙ୍କାରୀ ଘଟାଇ ବିଦେଶରେ ଆଶ୍ରୟ ନେଇଥିବା ଅଭିଯୁକ୍ତଙ୍କୁ ଭାରତକୁ ଅଣାଯାଇପାରିଛି। ଏହି ଅବସରରେ ସେ ବିରୋଧୀ ଦଳକୁ ପ୍ରଶଂସା କରିବାକୁ ପଛାଇ ନଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନାମ ଉଚ୍ଚାରଣ ନ କରି ସେ କହିଥିଲେ, ଆମେ ଶୁଣିବାକୁ ପାଉଥିଲୁ ସଂସଦରେ ଭୂମିକମ୍ପ ଘଟିବ, ହେଲେ ସେଭଳି କିଛି ଘଟିଲାନି। ଆମେ ସଦନରେ କାଗଜର ରକେଟ୍ ଉଡୁଥିବାର ଦେଖିଲୁ। ଭାରତର ଗଣତନ୍ତ୍ରକୁ ଶତ ଧନ୍ୟବାଦ ଯେ ଏଠାରେ ଭୂମିକମ୍ପର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିଲାନି। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାଡ଼୍‌ଗେଙ୍କ ଉଦ୍ଦେଶ୍ୟରେ ମୋଦୀ କହିଲେ ଯେ ଖାଡ଼୍‌ଗେଙ୍କ ଗଳା ଖରାପ ଥିବାରୁ ସେ ବେଶି କିଛି କହିପାରିଲେନି। ସେ କିଛି କହିଥିଲେ, ଭଲ ହୋଇଥାନ୍ତା। ତାଙ୍କ କଥାବାର୍ତ୍ତାରୁ ମତେ ବହୁତ କିଛି କହିବାକୁ ଖୋରାକ୍ ମିଳିଥାଏ। ଖାଡ଼୍‌ଗେ ବିଜେପି ନେତା ଲାଲକୃଷ୍ଣ ଆଡ଼ଭାନୀଙ୍କ ପଦାଙ୍କ ଅନୁସରଣ କରୁଥିବାରୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି। ଅଧିବେଶନରେ ପ୍ରତିଦିନ ଭିନ୍ନ ଭିନ୍ନ ପୋଷାକ ପିନ୍ଧି ଟିଡିପି ସାଂସଦ ନରମାଲ୍ଲୀ ଶିବପ୍ରସାଦ ସଦନକୁ ଆସୁଥିବାରୁ ପ୍ରଧାନମନ୍ତ୍ରୀ ତାଙ୍କୁ ତାରିଫ କରିବାକୁ ଭୁଲି ନଥିଲେ।

# ଆୟକର ବିଭାଗର ତ୍ରୁଟି: ୬,୦୯୩ କୋଟିର ରାଜସ୍ୱ ହାନୀ

**ନୂଆଦିଲ୍ଲୀ :** ଆୟକର ବିଭାଗର ତ୍ରୁଟିକୁ ନେଇ ରିଅଲ ଇଷ୍ଟେଟ୍ କ୍ଷେତ୍ରରୁ ୬,୦୯୩.୭୧ କୋଟି ଟଙ୍କାର ଟିକସ ଆଦାୟ ହୋଇପାରି ନଥିବା ବେଳେ ଏହା ଆୟକର ବିଭାଗର ରାଜସ୍ୱ କ୍ଷତି ବୋଲି କମ୍ପ୍ଟ୍ରୋଲର୍ ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଦର୍ଶାଇଛନ୍ତି। ଆୟକର ବିଭାଗର ହିସାବ ସମୀକ୍ଷା ବେଳେ ଏହି ତଥ୍ୟ ଜଣାପଡିଥିବା ବେଳେ ଆୟକର ଫାଙ୍କିଥିବା ମାତ୍ର ୭ ପ୍ରତିଶତ ମାମଲାଗୁଡିକର ସମୀକ୍ଷା କରି ଏହି ପରିମାଣର ରାଜସ୍ୱ କ୍ଷତି ଘଟିଥିବା ସିଏଜି କହିଛନ୍ତି। ଯଦି ବାକି ୬୧,୪୯୨ଟି ମାମଲାର ତର୍ଜମା କରାଯାଏ ତେବେ ରାଜସ୍ୱ କ୍ଷତି ଆହୁରି ଅଧିକ ହେବ ବୋଲି ସିଏଜି ତାଙ୍କ ରିପୋର୍ଟରେ କହିଥିବା ଜଣାପଡିଛି। ମଙ୍ଗଳବାର ସିଏଜିଙ୍କ ପକ୍ଷରୁ 'ପର୍ଫର୍ମାନ୍ସ ଅଡିଟ୍ ଅନ୍ ଆସେସ୍‌ମେଣ୍ଟ ଅଫ୍ ଆସେସିଜ୍ ଇନ୍ ରିଅଲ ଇଷ୍ଟେଟ୍' ରିପୋର୍ଟ ସଂସଦରେ ଉପସ୍ଥାପନ କରାଯାଇଥିଲା ବେଳେ ଏଥିରେ ୪ଟି ମୁଖ୍ୟ ବିଷୟକୁ ପ୍ରାଧାନ୍ୟ ଦିଆଯାଇଥିଲା। ରିଅଲ ଇଷ୍ଟେଟ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଡେଭଲପର/ବିଲ୍ଡର/ ରିଅଲ ଇଷ୍ଟେଟ୍ ଏଜେଣ୍ଟ ଆୟକର ଦାଖଲ କରୁଛନ୍ତି କି ନାହିଁ ଏବଂ ସେମାନଙ୍କୁ ଆୟକର ପରିସର ମଧ୍ୟରେ ସାମିଲ କରାଯାଇଛି କି ନାହିଁ, ବାର୍ଷିକ ରିଟର୍ଣ୍ଣ ଏବଂ ଏହାର ସର୍ଭେ ଓ ରିସର୍ଚ୍ଚ ରିପୋର୍ଟ, ଆୟକର ନିୟମର ଧାରା ୮୦-୧ବି(୧୦) ଅଧୀନରେ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଦିଆଯାଉଥିବା ଟିକସ ରିହାତି ଏବଂ ଅନ୍ୟ କେତେକ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାଛଡା ଆୟକର ବିଭାଗ ପକ୍ଷରୁ ୨୦୧୩-୧୪ ଆର୍ଥିକ ବର୍ଷରୁ ୨୦୧୬-୧୭ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ ସ୍କ୍ରୁଟିନି ଆସେସ୍‌ମେଣ୍ଟକୁ ତର୍ଜମା କରାଯାଇଥିଲା ବେଳେ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଏହି ସମୟ ମଧ୍ୟରେ ୭୮,୬୪୭ ବ୍ୟକ୍ତିଙ୍କ ୧,୭୬,୯୯୦ କୋଟି ଟଙ୍କାର ଆୟକୁ ନେଇ ସ୍କ୍ରୁଟିନି କରାଯାଇଥିଲା। ତେବେ ଏଗୁଡିକ ମଧ୍ୟରୁ ଅନେକ ମାମଲାରେ ସ୍କ୍ରୁଟିନିରେ ତ୍ରୁଟି ରହିଥିବା ସିଏଜି ଜାଣିବାକୁ ପାଇଥିଲେ।

# ୨୪ରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା'ର ଶୁଭାରମ୍ଭ

**ନୂଆଦିଲ୍ଲୀ :** ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର ଗୋରଖପୁରରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନା ସମ୍ପର୍କରେ ଗତ ଅନ୍ତରୀଣ ବଜେଟ୍‌ରେ ଘୋଷଣା କରାଯାଇଥିଲା। ଯୋଜନା ଅନୁଯାୟୀ ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ତିନୋଟି ପର୍ଯ୍ୟାୟରେ ୬୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଯେଉଁ ଚାଷୀଙ୍କର ଦୁଇ ହେକ୍ଟରରୁ କମ୍ ଚାଷଜମି ଥିବ, ସେହିମାନେ ଏହି ଯୋଜନାରେ ଉପକୃତ ହେବେ। ଏହି ଯୋଜନା ଶୁଭାରମ୍ଭ ହେବାକୁ ଯାଉଥିବା ସମ୍ପର୍କରେ କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର କହିଛନ୍ତି, ଗୋରଖପୁରରେ କୃଷକ ରାଲିରେ ପ୍ରଧାନମନ୍ତ୍ରୀ ମୋଦୀ ଆନୁଷ୍ଠାନିକ ଭାବେ ଏହି ଯୋଜନାର ଶୁଭାରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟରେ ଏକକୋଟି ହିତାଧିକାରୀ ଏହାର ସୁଫଳ ପାଇବେ। ଯୋଗ୍ୟ ହିତାଧିକାରୀଙ୍କ ପ୍ରାଥମିକ ତାଲିକାରେ ଯେଉଁ ଚାଷୀଙ୍କ ନାମ ନଥିବ, ସେମାନେ ଯୋଜନାର ପ୍ରଥମ ଦଫାରେ ଆର୍ଥିକ ସହାୟତା ପାଇବେ କି ବୋଲି ପ୍ରଶ୍ନ ହେବାରୁ ଏହି ଅଧିକାରୀ ଜଣକ କହିଛନ୍ତି, ଯେଭଳି କୌଣସି ଚାଷୀ ଯୋଜନାରୁ ବାଦ୍ ନ ପଡ଼ିବେ, ତାହା ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯାଉଛି। ବ୍ୟବସ୍ଥାଗତ ତ୍ରୁଟି ସୁଧାରିବା ପାଇଁ ଉଦ୍ୟମ କରାଯାଉଛି। ବିଶେଷ କରି ଉତ୍ତର- ପୂର୍ବାଞ୍ଚଳର ଚାଷୀ ଏବଂ ଆଦିବାସୀ ଚାଷୀଙ୍କ ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଉତ୍ତର-ପୂର୍ବାଞ୍ଚଳରେ ଗୋଷ୍ଠୀମୁଖ୍ୟଙ୍କୁ ପ୍ରତି ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ଏବଂ ଏଥିରୁ କେହି ଯେପରି ବାଦ ନ ପଡ଼ିବେ, ସେଥିପାଇଁ ତାଗିଦ୍ କରାଯାଇଛି। ଏବେ ଚାଷୀଙ୍କ ଯାଞ୍ଚ ପ୍ରକ୍ରିୟା ଚାଲିଛି। ସେମାନଙ୍କର ଚାଷଜମି ଅଛି କି ନାହିଁ, ଯଦି ଥାଏ, ତା'ର ପରିମାଣ କେତେ? ଏସବୁର ତାଲିକା ପ୍ରସ୍ତୁତ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଇତିମଧ୍ୟରେ ଅଧିକାଂଶ ରାଜ୍ୟ ଗୁରୁବାରଠାରୁ ପିଏମ୍-କିଷାନ୍ ପୋର୍ଟାଲରେ ଡାଟା ଅପଲୋଡ୍ କରିବା ଆରମ୍ଭ କରିଛନ୍ତି। ପ୍ରାୟ ଏକ ଡଜନ ରାଜ୍ୟ ୯୫% ଡାଟା ପ୍ରସ୍ତୁତ କରିସାରିଥିବା ବେଳେ ୯ଟି ରାଜ୍ୟ ୮୦% କାର୍ଯ୍ୟ ସାରିଲେଣି।

# ୫ ବର୍ଷରେ ଏନ୍‌ଡିଏ ସରକାରର ପ୍ରଚାର ଖର୍ଚ୍ଚ ୩,୦୪୪ କୋଟି

**ନୂଆଦିଲ୍ଲୀ :** ଏନ୍‌ଡିଏ ସରକାର ଗତ ୫ ବର୍ଷ ମଧ୍ୟରେ ପ୍ରଚାରରେ ୩୦୪୪ କୋଟି ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ ମିଡିଆ ପ୍ରଚାରରେ ୨୩୭୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ରାସ୍ତାଘାଟରେ ହୋର୍ଡିଂ, ପ୍ରାଚୀର ପ୍ରଚାର ଓ ବିଭିନ୍ନ ପ୍ରଚାରପତ୍ର ଆଦି ବାହାର ପ୍ରଚାରରେ ୬୭୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୪ ଏପ୍ରିଲରୁ ୨୦୧୮ ଡିସେମ୍ବର ମଧ୍ୟରେ ଇଲେକ୍‌ଟ୍ରୋନିକ୍ ମିଡିଆ ପ୍ରଚାରରେ ୨୩୭୪.୪୬ କୋଟି ଖର୍ଚ୍ଚ ହୋଇଛି ବୋଲି ମନ୍ତ୍ରଣାଳୟର ବ୍ୟୁରୋ ଅଫ୍ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେସନ୍ ପକ୍ଷରୁ ସୂଚନା ଦିଆଯାଇଛି। ଅମଲାତନ୍ତ୍ରୀ ସଞ୍ଜୀବ ଚତୁର୍ବେଦୀ ସୂଚନା ଅଧିକାର ଆଇନ ବଳରେ ବ୍ୟୁରୋକୁ ଏହି ତଥ୍ୟ ମାଗିଥିଲେ। କେଉଁ ବର୍ଷରେ କେତେ ଖର୍ଚ୍ଚ ହୋଇଛି, ତା'ର ହିସାବ ପ୍ରଦାନ କରାଯାଇଛି। ଟିଭି, ରେଡିଓ, ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ପ୍ରଭୃତି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ବାବଦକୁ ୨୦୧୪-୧୫ରେ ୪୭୦.୩୯ କୋଟି, ୨୦୧୫-୧୬ରେ ୫୪୧.୯୯ କୋଟି, ୨୦୧୬-୧୭ରେ ୬୧୩.୭୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୭-୧୮ରେ ୪୭୪.୭୬ କୋଟି ଓ ୨୦୧୮ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୨୭୩.୫୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବାହାର ପ୍ରଚାରରେ ୨୦୧୪-୧୫ରେ ୮୧.୨୭ କୋଟି, ୨୦୧୫-୧୬ରେ ୧୧୮.୫୧ କୋଟି, ୨୦୧୬-୧୭ରେ ୧୮୬.୩୭ କୋଟି, ୨୦୧୭-୧୮ରେ ୨୦୮.୫୪ କୋଟି ଓ ୨୦୧୮ ଏପ୍ରିଲରୁ ନଭେମ୍ବର ୨୬ ମଧ୍ୟରେ ୭୫.୦୮ କୋଟି ଟଙ୍କାକୁ ମିଶାଇ ୫ ବର୍ଷରେ ମୋଟ ୬୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଚତୁର୍ବେଦୀ ୨୦୧୪ ଜୁନ ପହିଲାରୁ କେନ୍ଦ୍ର ସରକାର ବିଜ୍ଞାପନ ବାବଦରେ କେତେ ଖର୍ଚ୍ଚ କରିଛନ୍ତି, ତା'ର ହିସାବ ମାଗିଥିଲେ। ବ୍ୟୁରୋ ପକ୍ଷରୁ ବୈଦ୍ୟୁତିକ ଗଣମାଧ୍ୟମ ଓ ବାହାର ପ୍ରଚାରରେ କେତେ ଖର୍ଚ୍ଚ ହୋଇଛି, ତା'ର ସବିଶେଷ ତଥ୍ୟ ଯୋଗାଇ ଦେଇଛନ୍ତି।

# ଅନୁପ୍ରବେଶ ରୋକିବା ପାଇଁ ପାଚେରୀ ନିର୍ମାଣକୁ ଟ୍ରମ୍ପଙ୍କ ଗୁରୁତ୍ୱ

**ୱାଶିଂଟନ :** ନିଜ ଦେଶରେ ଅନୁପ୍ରବେଶ ରୋକିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଚେରୀ ନିର୍ମାଣକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ମାତ୍ର ପଡ଼ୋଶୀ ମେକ୍ସିକୋ ସେଥିପ୍ରତି ଗୁରୁତ୍ୱ ଦେଉନାହିଁ। ଅନ୍ୟ ପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ମଧ୍ୟ ପାଚେରୀ ନିର୍ମାଣ ପାଇଁ ପାଣ୍ଠି ଗଠନ ପ୍ରସ୍ତାବକୁ ଏଡ଼ାଇ ଦେଇଛି। କଂଗ୍ରେସର ଉଭୟ ସଦନ ଟ୍ରମ୍ପଙ୍କ ପାଚେରୀ ପ୍ରସ୍ତାବକୁ ଅଲୋଡ଼ା ମଣିଥିବା ବେଳେ ସ୍ୱୟଂ ଟ୍ରମ୍ପ ଏହାକୁ ମାନିବାକୁ ପ୍ରସ୍ତୁତ ନଥିବା ବେଳେ ଯେ କୌଣସି ମତେ କଂଗ୍ରେସକୁ ମନାଇ ପାଚେରୀ ପାଇଁ ପାଣ୍ଠି ଗଠନ କରିବାକୁ ହେବ। କଂଗ୍ରେସକୁ ମନାଇବା ପରେ ମେକ୍ସିକୋଠାରୁ ପାଣ୍ଠି ସଂଗ୍ରହ କରିବା ଟ୍ରମ୍ପଙ୍କ ପକ୍ଷେ କଷ୍ଟକର ହେବନି। ଏବେ ଟ୍ରମ୍ପ ନିର୍ବାଚନ ପ୍ରଚାରରେ ମାତିଛନ୍ତି। ଅନ୍ୟପକ୍ଷରେ ଆମେରିକାରେ ଦ୍ୱିତୀୟ ଅଚଳାବସ୍ଥା ପାଖେଇ ଆସୁଥିବା ଜଣାପଡ଼ିଛି। ସୀମାଆଡୁ ଦୃଷ୍ଟି ଫେରାଇ ଆଣିବାକୁ ଡେମୋକ୍ରାଟ୍ ପାଣିପାଗ ପରିବର୍ତ୍ତନ ଓ ଗର୍ଭପାତ ପ୍ରସଙ୍ଗକୁ ଗୁରୁତ୍ୱ ଦେଉଛି।



ପ୍ରାୟ ମାସେ ହେବ ଆମେରିକାର ସରକାରୀ କର୍ମଚାରୀମାନେ କାମଧନ୍ଦା ଛାଡ଼ି ଘରେ ବସିଥିଲେ। ମାତ୍ର ୧୫ ଦିନ କାମ କରିବା ପରେ ପୁଣି ଘରେ ବସିବେ, ଏକଥା ଭାବିବା ବେଳକୁ ସେମାନଙ୍କ ମୁହଁରେ ହସ ମଉଳି ଯାଇଛି। ଗୋଟିଏ ପଟେ ଦେଶର ଆର୍ଥିକ ଅବ୍ୟବସ୍ଥା ଗୁରୁତର ଥିବାବେଳେ କମ୍ପାନୀ ଜଗତରେ ଘୋର ସଙ୍କଟ ସୃଷ୍ଟି ହୋଇଛି। ମାତ୍ର ଉପରକୁ ସବୁକିଛି ଠିକ୍‌ଠାକ୍ ଥିବା ଜଣାପଡୁଥିଲେ ମଧ୍ୟ ଦେଶର ବେରୋଜଗାରୀ, କର୍ମଚାରୀ ଛଟେଇକୁ ନେଇ ପ୍ରଶାସନ ଚିନ୍ତାରେ ପଡ଼ିଛି। ସୀମାରେ ପାଚେରୀ ହେଲେ, ଆମେରିକାରେ ଅପରାଧ ହାର କମିଯିବ ବୋଲି ଟ୍ରମ୍ପ ଯୁକ୍ତି କରୁଥିବା ବେଳେ ଡେମୋକ୍ରାଟ୍ ତାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଡେମୋକ୍ରାଟ୍ କହିଛି ଯେ ଟ୍ରମ୍ପ ପାଚେରୀ ପାଇଁ ଯେଉଁ ୫.୭ ବିଲିଅନ୍ ଡଲାର ପାଣ୍ଠି ଗଠନ କରିବାକୁ ବିଚାର କରୁଛନ୍ତି ତାହା ଆଉ କିଛି ନୁହେଁ, ରାଷ୍ଟ୍ରପତି ନିର୍ବାଚନ ପାଇଁ ପାଣ୍ଠି ସଂଗ୍ରହ କରିବାର ବାହାନା। ଡେମୋକ୍ରାଟ୍‌ଙ୍କ ଅଭିଯୋଗ ଉପରେ ହ୍ୱାଇଟ୍‌ହାଉସ କିଛି ମନ୍ତବ୍ୟ ଦେଇନାହିଁ। ଶୁଣାଯାଉଛି, ଟ୍ରମ୍ପଙ୍କ ବିଶ୍ୱାସୀ ସିନେଟରମାନେ ମଧ୍ୟ ପାଚେରୀ ପ୍ରସ୍ତାବକୁ ପସନ୍ଦ କରୁନାହାନ୍ତି। କଂଗ୍ରେସ ପାଚେରୀ ନିର୍ମାଣ ପାଇଁ ରାଜି ନହେଲେ, ଅଚଳାବସ୍ଥା ସୃଷ୍ଟି ସୁନିଶ୍ଚିତ ବୋଲି କର୍ମଚାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ରିପବ୍ଲିକାନ୍ ଓ ଡେମୋକ୍ରାଟ୍‌ଙ୍କ ଝଗଡ଼ାରେ କର୍ମଚାରୀମାନେ ବଳି ପଡୁଛନ୍ତି ବୋଲି ଆମେରିକାର ବୁଦ୍ଧିଜୀବୀ ମହଲ ଅନୁଭବ କରୁଛନ୍ତି।

# ନୂଆଦିଲ୍ଲୀ କିଣିବ ଆସଲ୍ଟ ରାଇଫଲ୍

**ନୂଆଦିଲ୍ଲୀ :** ଭାରତ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ବିହିତ ପଦକ୍ଷେପ ନେଉଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଆଉ ପାଦେ ଅଗ୍ରସର ହୋଇଛି। ଏଣିକି ଇନ୍‌ସାସ୍ ବନ୍ଧୁକ ବଦଳରେ ଯବାନ ଓ ସୁରକ୍ଷାକର୍ମୀମାନେ ଆସଲ୍ଟ ରାଇଫଲ୍ ବ୍ୟବହାର କରିବେ ବୋଲି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଆମେରିକାର ଏକ କମ୍ପାନୀ ସହ ଚୁକ୍ତି ସମ୍ପାଦନ କରିଛି। ୭୦୦ କୋଟି ଟଙ୍କାର ଏହି ଚୁକ୍ତି ବଳରେ ଭାରତ ସରକାର ୭୨୪୦୦ଟି ଆସଲ୍ଟ ରାଇଫଲ୍ କିଣିବେ। ଏହି ରାଇଫଲ୍‌କୁ ଆମେରିକା ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ରର ଯବାନମାନେ ବ୍ୟବହାର କରୁଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ଯେ, ୭୨୪୦୦ ଆସଲ୍ଟ ରାଇଫଲ୍ ପାଇଁ ଆମେରିକାର ସିଗ୍ ସୟର୍ ଆସଲ୍ଟ ରାଇଫଲ୍ କମ୍ପାନୀ ସହ ଭାରତ ସରକାର ଚୁକ୍ତି କରିଛନ୍ତି। ୭.୬୨ ଏମ୍‌ଏମ୍‌ର ଏହି ଆସଲ୍ଟ ରାଇଫଲ୍ ଆଗାମୀ ବର୍ଷକ ମଧ୍ୟରେ ଭାରତୀୟ ସେନା ନିକଟରେ ପହଞ୍ଚିଯିବ। ଏ ବାବଦରେ ୭୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏବେ ଭାରତୀୟ ସେନା ପାଖରେ ୫.୫୬x୪୫ ଏମ୍‌ଏମ୍‌ର ଇନ୍‌ସାସ୍ ରାଇଫଲ୍ ରହିଛି। ସମୟର ଚାହିଦା ଅନୁଯାୟୀ ଭାରତୀୟ ସେନା ୭.୬୨x୫୧ ଏମ୍‌ଏମ୍‌ର ଆସଲ୍ଟ ରାଇଫଲ୍ ଆବଶ୍ୟକ କରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏଭଳି ନିଷ୍ପତ୍ତି ନେଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ମାସ ପ୍ରାରମ୍ଭରେ ସିଗ୍ ସୌରେ ରାଇଫଲ୍ କିଣିବା ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ୩୬୦୦ କି.ମି. ଦୀର୍ଘ ଚୀନ୍ ସୀମାରେ ମୁତୟନ ଥିବା ଯବାନମାନେ ଏହାକୁ ବ୍ୟବହାର କରିବେ। ୨୦୧୭ ଅକ୍ଟୋବରରେ ସେନା ୭ ଲକ୍ଷ ରାଇଫଲ୍, ୪୪ ହଜାର ଲାଇଟ୍ ମେସିନ୍ ଗନ୍ ଓ ୪୪୬୦୦ କାର୍ବାଇନ୍ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାୟ ୧୮ ମାସ ତଳେ ସେନା ରାଷ୍ଟ୍ରାୟତ୍ତ ରାଇଫଲ୍ ଫ୍ୟାକ୍ଟ୍ରିରେ ନିର୍ମିତ ଆସଲ୍ଟ ରାଇଫଲ୍‌କୁ ଅନୁପଯୋଗୀ ବୋଲି ଦର୍ଶାଇ ଅଗ୍ରାହ୍ୟ କରିଦେଇଥିଲା। ଫଳରେ ବିଦେଶରୁ ଏ ଧରଣର ରାଇଫଲ୍ କିଣିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା।

# ବର୍ଷକୁ ଲୋପ ପାଉଛନ୍ତି ୨.୫% କୀଟପତଙ୍ଗ

**ନୂଆଦିଲ୍ଲୀ :** ଦିନକୁ ଦିନ ବିଶ୍ୱପୃଷ୍ଠରୁ ବହୁ ବିରଳ ପ୍ରଜାତିର କୀଟପତଙ୍ଗ ବଂଶ ଲୋପ ପାଇ ଯାଉଥିବା ଅନୁଭବ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି ଜୀବବିଜ୍ଞାନୀମାନେ। ଗତ ଦଶନ୍ଧି ମଧ୍ୟରେ ପ୍ରାୟ ୪୦ ଭାଗ ବିରଳ କୀଟପତଙ୍ଗ ପ୍ରଜାତି ଧରାପୃଷ୍ଠରୁ ବିଦାୟ ନେଲେଣି ବୋଲି ବାୟୋଲୋଜିକାଲ୍ କଞ୍ଜରଭେସନ୍ ଜର୍ଣ୍ଣାଲରେ ପ୍ରକାଶିତ 'ୱାର୍ଲଡୱାଇଡ୍ ଡିକ୍ଲାଇନ୍ ଅଫ୍ ଦି ଇଣ୍ଟୋମୋଫୁନା: ଏ ରିଭ୍ୟୁ ଅଫ୍ ଇଟ୍ସ ଡ୍ରାଇଭର୍ସ' ରିପୋର୍ଟ ଉଲ୍ଲେଖ କରିଛି। ପ୍ରତିବର୍ଷ ୨.୫% ହାରରେ କୀଟପତଙ୍ଗ ବଂଶ ଲୋପ ପାଉଛନ୍ତି। ଏହି ଧାରା ଅବ୍ୟାହତ ରହିଲେ, ଚଳିତ ଶତାବ୍ଦୀ ମଧ୍ୟରେ ସବୁ କୀଟପତଙ୍ଗ ବଂଶ ପୃଥିବୀ ପୃଷ୍ଠରୁ ସବୁଦିନ ପାଇଁ ହଜିଯିବେ ବୋଲି ଗବେଷକମାନେ ମତପ୍ରକାଶ କରିଛନ୍ତି। ପ୍ରାୟ ଶହେବର୍ଷ ପରେ ପିଲାମାନେ ପାଠ୍ୟପୁସ୍ତକରେ ପ୍ରଜାପତି ଚିତ୍ର ଦେଖି ପୃଥିବୀ ପୃଷ୍ଠରେ ଏପରି ସୁନ୍ଦର କୀଟ ଥିଲେ ବୋଲି ପଢ଼ିବେ ସିନା, ବାସ୍ତବରେ ଦେଖିବାକୁ ଦୁଷ୍ପ୍ରାପ୍ୟ ହୋଇଯିବ। ଝିଟିପିଟି, ଏଣ୍ଡୁଅ, ଜିଆ, ଅସରପା, ଛାରପୋକ, ସାଧବବୋହୂ, ବୁଢ଼ିଆଣୀ, ବାଦୁଡି, ଚମ୍ପେଇ ନେଉଳ, ସଁବାଳୁଆ, ତେଲୁଣିପୋକ ଭଳି କୀଟପତଙ୍ଗ କେବଳ ପରିବେଶ ପାଇଁ ଉପଯୋଗୀ ନୁହନ୍ତି, ମାନବ କଲ୍ୟାଣ ପାଇଁ ସେଗୁଡ଼ିକ ସମର୍ପିତ। କିନ୍ତୁ ଦ୍ରୁତ ପର୍ଯ୍ୟାବରଣ ଅବକ୍ଷୟ କାରଣରୁ ସେମାନଙ୍କ ଜୀବନଧାରଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯିବ। କୀଟପତଙ୍ଗ ଦୁନିଆ ଲୋପ ପାଇଗଲେ, ଅନ୍ୟାନ୍ୟ ପ୍ରାଣୀ ଜଗତ ଉପରେ ତାହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ। ସିଡ୍‌ନୀ ବିଶ୍ୱବିଦ୍ୟାଳୟ ଓ ଚୀନ୍ ଏକାଡେମୀ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍ ବୈଜ୍ଞାନିକମାନେ ଗତ ୩୦ ବର୍ଷ ମଧ୍ୟରେ ବିଲୁପ୍ତ, ବିଲୁପ୍ତପ୍ରାୟ ଓ ପତନମୁଖୀ



କୀଟପତଙ୍ଗ ସମ୍ପର୍କିତ ବହୁ ରିପୋର୍ଟ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। କେଉଁ କାରଣରୁ କୀଟପତଙ୍ଗ ବଂଶ ଲୋପ ପାଇଯାଉଛନ୍ତି? କୀଟପତଙ୍ଗ ଲୋପ ପଛରେ ମାନବକୃତ ଦୋଷତ୍ରୁଟି ଓ ଜୈବ ବିବିଧତା ମଧ୍ୟରେ କାହାକୁ ଅଧିକ ଦାୟୀ କରାଯିବା ଯୁକ୍ତିଯୁକ୍ତ ହେବ? କୀଟପତଙ୍ଗ ବଂଶ ରକ୍ଷା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ଦରକାର? ଏସବୁ ରିପୋର୍ଟରେ ଉଲ୍ଲେଖ ଅଛି। କୀଟପତଙ୍ଗ ବଂଶ ଲୋପ ପାଇବା ପଛରେ ଖାଦ୍ୟ ଶୃଙ୍ଖଳକୁ ଯେତିକି ପରିମାଣରେ ଦାୟୀ କରାଯାଇଛି, ତା'ଠାରୁ ଅଧିକ ଦାୟୀ କରାଯାଇଛି ଫସଲରେ କୀଟନାଶକ ପ୍ରୟୋଗକୁ। ୪୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀରେ ବାସ କରୁଥିବା ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କ ମଧ୍ୟରୁ ପ୍ରାୟ ୭୦ ଭାଗ କୀଟପତଙ୍ଗ ପ୍ରଜାତିର ଥିଲେ। କିନ୍ତୁ ପରିବର୍ତ୍ତିତ ଜୀବନଧାରଣ ପ୍ରକ୍ରିୟା, କୃଷିକ୍ଷେତ୍ରରେ ବିଜ୍ଞାନର ପ୍ରୟୋଗ ଓ ସହର ପ୍ରତିଷ୍ଠା କରାଯିବା ଫଳରେ କୀଟପତଙ୍ଗ ବଂଶ ପ୍ରତି ଘୋର ବିପଦ ସୃଷ୍ଟି ହେଲା। କୃଷିକ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରାଯିବା ଫଳରେ ଜମି, ଜଳ, ଫସଲ ଉପରେ ତାହାର କୁପ୍ରଭାବ ପଡ଼ିଲା। ପ୍ରାକୃତିକ ପରିବେଶ ଓ ପାଣିପାଗ ପରିବର୍ତ୍ତନ ହେଲା। କୀଟପତଙ୍ଗଙ୍କ ଜୀବନ ପ୍ରତି ଗୋଟିଏ ମୁହୂର୍ତ୍ତ ଚିନ୍ତା କରିବାକୁ ମଣିଷମାନେ ଉଚିତ ମଣିଲେନି। ଫଳରେ ପର୍ଯ୍ୟାବରଣରେ ବ୍ୟାପକ ପରିବର୍ତ୍ତନ ଘଟି କୀଟପତଙ୍ଗ ବଂଶ ପାଇଁ ମୃତ୍ୟୁଯନ୍ତା ପାଲଟିଛି।

# ବିଜେଡିକୁ ନିର୍ବାଚନ ହାରିଯିବା ଭୟ ଘାରିଛି: ବିଜେପି

**ଭୁବନେଶ୍ୱର :** ନିର୍ବାଚନ ହାରିଯିବା ଭୟ ଏବେ ଘାରିଛି ଶାସକ ବିଜେଡି ଦଳକୁ। ସରକାର ବିରୋଧରେ ସୃଷ୍ଟି ଜନମତ ଭୋଟରେ ପରିବର୍ତ୍ତନ ହେଲେ ଶାସକ ବିଜୁ ଜନତା ଦଳର ସତା ହଜିଯିବ । ସେହି ଭୟରେ ଏବେ ଦିବାଲୋକରେ ୪ କୋଟି ଓଡ଼ିଆ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି କିଛି ମୁଷ୍ଟିମେୟ ସରକାରୀ ଅଧିକାରୀମାନଙ୍କୁ ନେଇ ନବୀନବାବୁ ଗଣତନ୍ତ୍ରକୁ ଅହୋରାତ୍ର ହତ୍ୟା କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିୟାନ ନିର୍ବାଚନ ଜିତିବା ପାଇଁ ସରକାରୀ ଅଫିସରମାନଙ୍କୁ ଶାସକ ଦଳ ବ୍ୟବହାର କରିବା ପାଇଁ ଷଡଯନ୍ତ୍ର ରଚିଛନ୍ତି । ଭି.କେ ପାଣ୍ଡିୟାନ ନେତୃତ୍ୱରେ ସରକାରୀ ଦଳ ପାଇଁ କାମ କରୁଥିବା ୧୦ରୁ ଅଧିକ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ବାଚନ ବେଳେ ସରକାରୀ କାମରୁ ଅବ୍ୟାହତି ଦେଇ କଡା ନଜରରେ ରଖିବାକୁ ଦାବି କରିଛି ନିର୍ବାଚନ କମିଶନଙ୍କ ପାଖରେ ଦାବି କରିଛି ଭାରତୀୟ ଜନତା ପାର୍ଟି । ରାଜ୍ୟର ଭିକେ ପାଣ୍ଡିୟାନଙ୍କ ନେତୃତ୍ୱରେ ଚାଲିଥିବା ବିଜୁ ଜନତା ଦଳର ଏହି କାର୍ପେଟଦାର ଅଧିକାରୀଙ୍କ ଟିମରେ ଡିଏସ କୁଟେ, ରୂପା ରୋଶନ ସାହୁ, ଆଶିଷ ସିଂ, ଗୋପବନ୍ଧୁ




ଦାସ, ସାର୍ଥକ ବର୍ମା, ବିଶାଲ ଦେବ, ପେମଚନ୍ଦ ଚୌଧୁରି, କିଶାନ କୁମାର, ହେମନ୍ତ ଶର୍ମା, ଏବଂ ନଳିନି କାନ୍ତ ପ୍ରଧାନଙ୍କ ଭଳି ସର୍ବଭାରତୀୟ ପ୍ରଶାସନିକ ଓ ସର୍ବଭାରତୀୟ ପୋଲିସ ଅଧିକାରୀମାନେ ସାମିଲ ଅଛନ୍ତି ବୋଲି କହିଛନ୍ତି ଦଳର ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ। ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧିଦଳ ଆଜି ନିର୍ବାଚନ କମିଶନଙ୍କ ପାଖେ ଏକ ଦାବି ପତ୍ର ଦିଆଯାଇଛି । ସେହି ଦାବିପତ୍ରରେ ଦଳ ଦାବି କରିଛି କି ପୂର୍ତ୍ତ ବିଭାଗର ସଚିବ ନଳିନୀ କାନ୍ତ ପ୍ରଧାନଙ୍କ ଚାକିରିର ଗତ ବର୍ଷ ମାର୍ଚ୍ଚ ମାସରେ ଶେଷ ହୋଇଥିଲେ ମଧ୍ୟ କେବଳ ଦଳୀୟ କାର୍ଯ୍ୟ କରିବା ପାଇଁ ତାଙ୍କୁ ଅବସର ଦିଆ ନଯାଇ ତାଙ୍କ ଚାକିରି ଆଉ ଗୋଟିଏ ବର୍ଷ ବଢାଯାଇଛି । ନବୀନବାବୁ କେବଳ ନାଁକୁ ମୁଖ୍ୟମନ୍ତ୍ରୀ । ରାଜ୍ୟରେ ଭି.କେ ପାଣ୍ଡିୟାନଙ୍କ ନେତୃତ୍ୱରେ ତାମିଲ ଶାସନ ଚାଲିଛି। ଆମେ ଅଭିଯୋଗ କରୁଛୁ ୧୦ରୁ ୧୨ ଜଣ ପ୍ରଶାସନିକ ଅଧିକାରୀମାନେ ୨୦୧୯ ନିର୍ବାଚନକୁ କିଭଳି ଭାବେ ପ୍ରଭାବିତ କରିବେ ଏବଂ ଭୋଟରମାନଙ୍କୁ ଭୁଆଁବୁଲାଇ ଭୋଟ ହାସଲ କରିବା ପାଇଁ ଚକ୍ରାନ୍ତ ଚଲାଇ ନିର୍ବାଚନ ଜିତିବା ପାଇଁ ଚେଷ୍ଟା କରୁଛନ୍ତି । ହେମନ୍ତ ଶର୍ମା, ବିଶାଳ ଦେବ ଓ ନଳିନି କାନ୍ତ ପ୍ରଧାନ ବିଜୁ ଜନତା ଦଳ ପାଇଁ ଅର୍ଥ ଆଦାୟ କରୁଥିବା କଥା ଆଗରୁ ଅଭିଯୋଗ ଅଛି । ସେହିପରି ଭିକେ ପାଣ୍ଡିୟାନଙ୍କର ସମ୍ପୃକ୍ତି ଚିଟ ଫଣ୍ଡ ଦୁର୍ନୀତିରେ ଅଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରି ସୁରେନ୍ଦ୍ର କୁମାର ମଧ୍ୟ ବିଜେପୁର ଉପନିର୍ବାଚନବେଳେ ଶାସକ ବିଜୁନ ଜନତା ଦଳକୁ ଖୋଲାଖୋଲି ସମର୍ଥନ କରୁଥିଲେ । ସେହିଭଳି ଦୁର୍ନୀତିଖୋର ଅଫିସର ମାନେ ରହିଲା ଅବାଧ ନିର୍ବାଚନ ପରିଚାଳନା ଅସମ୍ଭବ ବୋଲି ସମୀର ମହାନ୍ତି କହିଛନ୍ତି।

## ଘରଭଡ଼ା ବାବଦରେ ଓୟୁଏଟିର ୩ ଲକ୍ଷ ୫୦ ହଜାର କ୍ଷତି

**ଭୁବନେଶ୍ୱର :** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଥିବା ଏକ ବ୍ୟାଙ୍କ ଶାଖାରୁ କମ୍ ଘର ଭଡ଼ା ଆଦାୟ ହୋଇଛି। ଫଳରେ ୨୦୦୬ରୁ ୨୦୧୫ ମଧ୍ୟରେ ପ୍ରାୟ ୩ଲକ୍ଷ ୫୦ହଜାର ୯୬୮ଟଙ୍କା କ୍ଷତି ହୋଇଛି। ଓୟୁଏଟି ଏବଂ ତା' ପରିସରରେ ଥିବା ଏକ ବ୍ୟାଙ୍କ ମଧ୍ୟରେ ଏକ ଲିଜ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ଅନୁଯାୟୀ, ୨୦୦୧ ଅକ୍ଟୋବର ୫ରୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୫ଶହ ଟଙ୍କା ଭଡ଼ା ହାରରେ ଓୟୁଏଟି ପରିସରରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦ହଜାର ବର୍ଗ ଫୁଟ ଜମି ଯୋଗାଇ ଦେବେ। ଏହାବ୍ୟତୀତ ଚୁକ୍ତିରେ ଦର୍ଶାଯାଇଥିଲା ଯେ, ୫ବର୍ଷ ପରେ ପ୍ରତ୍ୟେକ ବର୍ଷ ୨୫ପ୍ରତିଶତ ହାରରେ ଭଡ଼ା ବୃଦ୍ଧି ହେବ। ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ହେଉଥିବା ସମୀକ୍ଷା ସମୟରେ ଜଣାପଡ଼ିଲା ଯେ, ଯଦିଓ ୫ବର୍ଷର ଅବଧି ୨୦୦୬ରୁ ଶେଷ ହୋଇଯାଇଛି, ତଥାପି ସମ୍ପୃକ୍ତ ବ୍ୟାଙ୍କଠାରୁ ପୁରୁଣା ହାରରେ ୧୫୦୦ଟଙ୍କା ଭଡ଼ା ଆଦାୟ ହେଉଛି। ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନନେବା ଯୋଗୁଁ ୨୦୦୬ରୁ ୨୦୧୫ ମଧ୍ୟରେ ୩ଲକ୍ଷ ୫୦ହଜାର ୯୬୮ଟଙ୍କା କ୍ଷତି ହୋଇଛି। ସମୀକ୍ଷା ରିପୋର୍ଟ ଅନୁସାରେ, ୨୦୦୬ ନଭେମ୍ବର ୧ରୁ ୨୦୦୭ ଅକ୍ଟୋବର ୩୧ତାରିଖ ସୁଦ୍ଧା ଚୁକ୍ତି ଅନୁସାରେ ଭଡ଼ା ହାର ମାସିକ ୧୮୭୫ଟଙ୍କା ଭାବେ ମୋଟ୍ ୨୨ହଜାର ୫୦୦ଟଙ୍କା ଆଦାୟ ହେବାର ଥିଲା। ମାତ୍ର ପୁରୁଣା ହାରରେ ଆଦାୟ ଯୋଗୁଁ ୪୫୦୦ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୦୮ ସୁଦ୍ଧା ୧୦ହଜାର୧୨୮ଟଙ୍କା, ୨୦୦୯ ଅକ୍ଟୋବର ୩୧ତାରିଖ ସୁଦ୍ଧା ୧୭ ହଜାର ୧୬୦ଟଙ୍କା, ୨୦୧୦ ଅକ୍ଟୋବର ୩୧ତାରିଖ ସୁଦ୍ଧା ୨୫ ହଜାର ୯୫୬ଟଙ୍କା, ୨୦୧୧ ଅକ୍ଟୋବର ୩୧ ସୁଦ୍ଧା ୩୬ ହଜାର ୯୪୮ଟଙ୍କା, ୨୦୧୨ ଅକ୍ଟୋବର ୩୧ ସୁଦ୍ଧା ୫୦ହଜାର ୬୮୮ଟଙ୍କା, ୨୦୧୩ ଅକ୍ଟୋବର ୩୧ ସୁଦ୍ଧା ୬୭ହଜାର ୮୬୦ଟଙ୍କା, ୨୦୧୪ ଅକ୍ଟୋବର ୩୧ ସୁଦ୍ଧା ୩୭ ହଜାର ୨୨୦ଟଙ୍କା ଏବଂ ୨୦୧୫ ଅକ୍ଟୋବର ୩୧ ସୁଦ୍ଧା ୪୮ ହଜାର ୪୦୦ ଟଙ୍କା କମ୍ ଆଦାୟ ହୋଇଛି।

## ମାର୍ଚ୍ଚ ସୁଦ୍ଧା ୨୧ଲକ୍ଷ କୃଷକଙ୍କୁ ମିଳିବ ରୁପେ କାର୍ଡ

**ଭୁବନେଶ୍ୱର :** ରାଜ୍ୟ ସରକାର ଖୁବଶୀଘ୍ର କୃଷକମାନଙ୍କ ପାଇଁ ଆଉ ଏକ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ମାସକ ମଧ୍ୟରେ ଅର୍ଥାତ୍ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ୨୧ଲକ୍ଷ ୪୦ହଜାର କୃଷକଙ୍କୁ ରୁପେ ଡେବିଟ୍ କାର୍ଡ ପ୍ରଦାନ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଯେଉଁ ବ୍ୟାଙ୍କ ଶାଖାରେ ଚାଷୀଙ୍କ ନାମରେ ଆକାଉଣ୍ଟ ରହିଛି, ସେଠାରେ ପ୍ରଥମେ କିଷାନ କ୍ରେଡିଟ୍ କାର୍ଡ (କେସିସି) ଦେବାଲାଗି ସରକାର ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ମୋଟ ୨୧ ଲକ୍ଷ ୪୦ ହଜାର କେସିସିକୁ ରୁପେ ଡେବିଟ୍ କାର୍ଡରେ ପରିବର୍ତ୍ତନ କରାଯିବ ବୋଲି କୃଷି ଉତ୍ପାଦନ କମିଶନର ଗଗନ ଧଳ କହିଛନ୍ତି। ପ୍ରକାଶ ଥାଉ କି, ସମଗ୍ର ଦେଶରେ ଏବେ ୬କୋଟି ୯୫ଲକ୍ଷ କେସିସି ଥିବାବେଳେ ଓଡ଼ିଶାରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ୧୪ଲକ୍ଷ କାର୍ଡ ଚାଷୀଙ୍କୁ ଦେଇଛି। ଏହି କାର୍ଡ ଏଟିଏମ୍ ଭଳି ବ୍ୟବହାର ହୋଇପାରିବା ସହ ଚାଷୀମାନଙ୍କୁ ବେଶ୍ ସହାୟକ ହେବ। ସୂଚନା ଅନୁସାରେ ରାଜ୍ୟରେ ୪୫ଲକ୍ଷ ପାସ୍‌ବୁକ୍ ପାଇଁ ୧୪ଲକ୍ଷ କେସିସି ଜାରି ହୋଇଥିବାବେଳେ ଏହାକୁ ରୁପେ କାର୍ଡକୁ ପରିବର୍ତ୍ତନ କରାଯିବ ବୋଲି ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କକୁ କୁହାଯାଇଛି। ଯେଉଁଠାରେ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ନାହିଁ, ସେଠାରେ ତୁରନ୍ତ ନିକଟସ୍ଥ ବ୍ୟାଙ୍କ୍ ଶାଖାରେ ଖାତା ଖୋଲି ଜଣାଇବାକୁ ଚାଷୀଙ୍କୁ ପରାମର୍ଶ ଦିଆଯିବ। ଏଥିପାଇଁ ସ୍ଥାନୀୟ ବ୍ୟାଙ୍କ୍ ଅଧିକାରୀ ଓ କୃଷି ବିଭାଗ ଅଧିକାରୀଙ୍କୁ ମଧ୍ୟ ସାମିଲ କରାଯିବ। ଯେଭଳି ଭାବେ କୌଣସି ଚାଷୀ ଅଡୁଆରେ ନପଡ଼ନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ସମବାୟ ବ୍ୟାଙ୍କକୁ ମଧ୍ୟ ତାଗିଦ କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ୧୪ଲକ୍ଷ କିଷାନ୍ କ୍ରେଡିଟ୍ କାର୍ଡ ଯୋଗାଯାଇଥିବାବେଳେ ଆଉ ୭ଲକ୍ଷ ୪୦ହଜାର ଚାଷୀଙ୍କୁ ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କେସିସି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଫଳରେ ଏଟିଏମ୍ ବ୍ୟବହାର ଲାଗି ୨୧ ଲକ୍ଷ ଚାଷୀଙ୍କ ପାଖରେ କେସିସି ରହିବ। ଏହିସବୁ କେସିସିକୁ ରୁପେ କାର୍ଡକୁ ପରିବର୍ତ୍ତନ କରାଗଲେ ଏକାଥରେ ରାଜ୍ୟରେ ୨୧ଲକ୍ଷ ୪୦ହଜାର ଚାଷୀ ଲାଭବାନ ହୋଇପାରିବେ। ବାଣିଜ୍ୟିକ ବ୍ୟାଙ୍କ୍‌ଗୁଡ଼ିକ ଚାଷୀଙ୍କୁ ୧୭ଲକ୍ଷ ପାସବୁକ୍ ଦେଇଥିବାବେଳେ କିଷାନ୍ କ୍ରେଡିଟ୍ କାର୍ଡ ପ୍ରଦାନ କରିବାକୁ ସମସ୍ୟା ଉପୁଜୁଥିବା କୁହାଯାଇଛି। ଋଣ ପାଇପାରୁ ନଥିବା ଚାଷୀଙ୍କୁ ମଧ୍ୟ ସରକାର ଅଧିକରୁ ଅଧିକ କାର୍ଡ ଦେବା ସପକ୍ଷରେ ଅଛନ୍ତି। ବ୍ୟବସାୟିକ ବ୍ୟାଙ୍କମାନେ କେସିସି ଓ ଋଣ ପାଇଁ ବିଭିନ୍ନ ଦେୟ ଓ କାଗଜପତ୍ର ପ୍ରଭୃତି ଆବଶ୍ୟକ କରଛନ୍ତି। ସେଥିଲାଗି ବ୍ୟାଙ୍କଗୁଡ଼ିକୁ କୃଷିଋଣ ପାଇଁ ଆଦାୟ ହେଉଥିବା ଦେୟ ଛାଡ଼ କରିବାକୁ କୁହାଯାଇଛି। ତେବେ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ କାଳିଆ ଯୋଜନା ଲାଗୁ କରିଥିବାବେଳେ, ପ୍ରଥମ ପର୍ଯ୍ୟାୟ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଯାଇସାରିଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ସୂଚନା ଦେଇସାରିଛନ୍ତି। କୃଷକମାନଙ୍କୁ ରୁପେ ଡେବିଟ୍ କାର୍ଡ ଦିଆଗଲେ କୌଣସି ଚାଷୀ ଆଉ ଋଣ କରିବା ଆବଶ୍ୟକ ହେବନାହିଁ। ଫଳରେ ସବୁ ଚାଷୀ ଉତ୍ପାଦ ବଢ଼ାଇବାରେ ସହଜସାଧ ହେବାସହ ସେମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ।

## ସବୁ ସହରାଞ୍ଚଳରେ 'ଆହାର'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଭିଡିଓ କନ୍‌ଫରେନସିଂ ଜରିଆରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖୋଲାଯାଇଥିବା ୩୮ଟି ଆହାର କେନ୍ଦ୍ର ଲୋକର୍ପଣ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ ୧୧୪ଟି ପୌରାଞ୍ଚଳରେ ଆହାର କେନ୍ଦ୍ର ସ୍ଥାପିତ ହେଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖାଦ୍ୟର ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନତା ଏହି କାର୍ଯ୍ୟକ୍ରମର ବିଶେଷତ୍ୱ। ବର୍ତ୍ତମାନ ରାଜ୍ୟର ସବୁ ପୌରାଞ୍ଚଳରେ ୧୫୭ଟି ଆହାର କେନ୍ଦ୍ର ଜରିଆରେ ଏହି କାର୍ଯ୍ୟକ୍ରମ ସାମିଲ ହେଲା ଏବଂ ଏହା ସହିତ ୫୬ଟି ଡାକ୍ତରଖାନା କ୍ୟାମ୍ପସରେ ଏହି ସୁବିଧା ରାତିରେ ମଧ୍ୟ ଉପଲବ୍ଧ ହେଉଛି। ଏହାଦ୍ୱାରା ପ୍ରତିଦିନ ଏକଲକ୍ଷ ଲୋକ ଏହି କାର୍ଯ୍ୟକ୍ରମରେ ସୁଲଭ ଖାଦ୍ୟ ଖାଇବାର ସୁଯୋଗ ପାଇପାରିବେ। ସମସ୍ତଙ୍କ ସହଯୋଗରେ ଆଗକୁ ଏଭଳି ଜନହିତକାରୀ ସେବା ଲୋକଙ୍କୁ ଯୋଗାଇ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ ୨୦୧୫ ଅପ୍ରେଲ ପହିଲାରେ ରାଜ୍ୟର ୫ଟି ମୁନିସିପାଲ କର୍ପୋରେସନ୍ ଅଞ୍ଚଳରେ ୨୧ଟି ଆହାର କେନ୍ଦ୍ର ଆରମ୍ଭ ହୋଇଥିଲା।




ବର୍ତ୍ତମାନ ସୁଦ୍ଧା ୭.୨ କୋଟି ମିଲ୍ ଲୋକଙ୍କୁ ଦିଆଯାଇସାରିଛି। ଏହି କାର୍ଯ୍ୟକ୍ରମରେ ଖାଦ୍ୟ ପଦାର୍ଥ ପରିବହନ ପାଇଁ ୬୫ଟି ଗାଡ଼ି ଓ ୨୦୦୦ ଲୋକ ନିଯୁକ୍ତି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଆହାର ଓଡ଼ିଶାରେ ୱେବ୍ ପୋର୍ଟାଲ (www.urbanodisha.gov.in/aahar) ମଧ୍ୟ ଉନ୍ମୋଚନ କରିଥିଲେ। ଏହି ୱେବ୍‌ସାଇଟ ଦ୍ୱାରା ଆହାର କାର୍ଯ୍ୟକ୍ରମ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଦାନ କରିପାରିବେ। ଏହି କାର୍ଯ୍ୟକ୍ରମ ପାଇଁ ନିଜର ଅବଦାନ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଜନ୍ମଦିନ, ବିବାହ ବାର୍ଷିକ, ଶ୍ରାଦ୍ଧ ବା ଅନ୍ୟ କୌଣସି ସ୍ମରଣୀୟ ଦିନରେ ସ୍ୱଚ୍ଛାକୃତଭାବେ ଯେକୌଣସି ଆହାର କେନ୍ଦ୍ରକୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଖାଦ୍ୟପ୍ରଦାନର ବ୍ୟବସ୍ଥା କରିପାରିବେ।

## ୨୨ରେ ୧୪ଲକ୍ଷଙ୍କୁ ମିଳିବ 'କାଳିଆ' ସହାୟତା

**ଭୁବନେଶ୍ୱର :** ୧୫ ତାରିଖରେ ଭୂମିହୀନ ଚାଷୀଙ୍କୁ କାଳିଆ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ପ୍ରତି ଭୂମିହୀନ ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ୪ରୁ ୫ ଲକ୍ଷ ହିତାଧିକାରୀଙ୍କୁ ଉକ୍ତ ସହାୟତା ରାଶି ପ୍ରଦାନ କରାଯାଇଛି। ପରବର୍ତ୍ତୀ ଦୁଇଟି ପର୍ଯାୟରେ ଯଥାକ୍ରମେ ୩୦୦୦ ଟଙ୍କା ଓ ୪୫୦୦ ଟଙ୍କାର ସହାୟତା ପ୍ରଦାନ କରାଯିବ। ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟର କାଳିଆ ଟଙ୍କା ଆସନ୍ତା ୨୨ରେ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୧୩ରୁ ୧୪ ଲକ୍ଷ ଚାଷୀ କାଳିଆ ଟଙ୍କା ପାଇବେ ବୋଲି କୃଷି ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି। ଏହାସହ ଭୂମିହୀନ କୃଷି ଶ୍ରିକମାନଙ୍କୁ ଜିବୀକା ନିର୍ବାହର ପନ୍ଥା ଓ କୌଶଳ ବିଷୟରେ ତାଲିମ ଦେବା ପାଇଁ ରାଜ୍ୟସ୍ତରୀୟ ସଚେତନତା ଶିବିର ଚଳିତ ମାସ ୧୪ରେ ଆୟୋଜିତ ହେବ ବୋଲି କୃଷି ସଚିବ ମୁଥୁ କୁମାର ସୂଚନା ଦେଇଛନ୍ତି। ଭୂମିହୀନ କୃଷି ଶ୍ରମିକ, କ୍ଷୁଦ୍ର ଓ ନାମମାତ୍ର ଛାଷୀମାନଙ୍କୁ କାଳିଆ ଯୋଜନାରେ ସହାୟତା ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ମଙ୍ଗଳବାର ରାଜ୍ୟ ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା କାଳିଆ ପାଇଁ ଆବେଦନ କରିଥିବା ହିତାଧିକାରୀ ଓ ସେଥିରୁ ଭୂମିହୀନ ଚାଷୀଙ୍କ ଦରଖାସ୍ତ ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହିତାଧିକାରୀ ତାଲିକା ଚୂଡ଼ାନ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଭୂମିହୀନ କୃଷି ଶ୍ରମିକମାନଙ୍କୁ ଜିବୀକା ନିର୍ବାହର ବିଭିନ୍ନ ଉପାୟ ଓ କୌଶଳ ବିଷୟରେ ସଚେତନତା କରିବା ପାଇଁ ମଧ୍ୟ ଶ୍ରୀ ପାଢ଼ୀ କୃଷି ଓ ଆନୁସଙ୍ଗିକ ସେକ୍ଟର ସହ ଜଡ଼ିତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସ୍ତରରେ ଜିବୀକା ସଚେତନତା ଶିବିର ମାନ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ କୃଷି ମତ୍ସ୍ୟ ଓ ପଶୁପାଳନ, ଉଦ୍ୟାନ ଚାଷ, ଜଳ ସମ୍ପଦ ଓ ସମବାୟ ବିଭାଗମାନେ କ୍ଷେତ୍ରସ୍ତରରେ ସ୍ୱନ୍ୱୟ ଭାବେ କାର୍ଯ୍ୟ କରିବାକୁ ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଆସନ୍ତା ଫେବୃଆରୀ ୧୪ ତାରିଖ ଦିନ କୃଷିଭବନ ଠାରେ 'କାଳିଆ ଯୋଜନା'ରେ ଅନ୍ତର୍ଭୁକ୍ତ ଭୂମିହୀନ କୃଷି ଶ୍ରମିକ ହିତାଧିକାରୀମାନଙ୍କୁ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ଯୋଗାଇ ଦିଆଯାଉଥିବା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବ୍ୟାପକ ତାଲିମ ଦକ୍ଷ ତାଲିମଦାତାଙ୍କ ପାଇଁ ଆୟୋଜନ କରାଯିବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ଦକ୍ଷ ବିଶେଷଜ୍ଞଙ୍କ ଦ୍ୱାରା ଅଂଶଗ୍ରହଣକାରୀ ହିତାଧିକାରୀଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା କରାଯାଇଅଛି। ସାରା ରାଜ୍ୟରେ ସମସ୍ତ ଭୂମିହୀନ କୃଷି ଶ୍ରମିକଙ୍କୁ ଏହି ଯୋଜନାରେ ସାମିଲ କରିବାର ଯୋଜନା ଏକ ଐତିହାସିକ ପଦକ୍ଷେପ, ଯାହା ଭାରତର ଇତିହାସରେ ପ୍ରଥମ ଘଟଣା। ଦକ୍ଷ ତାଲିମଦାତାମାନଙ୍କୁ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓ ମତ୍ସ୍ୟ ଓ ପଶୁପାଳନ ବିଭାଗର ମିଳିତ ଉଦ୍ୟମରେ ପର୍ଯ୍ୟାପ୍ତ ପରିମାଣର ତଥ୍ୟ ସମ୍ବଳିତ ପୁସ୍ତିକା ଯୋଗାଇ ଦେବାର ବ୍ୟବସ୍ଥା କରାଯିବ, ଯାହା ଦକ୍ଷ ତାଲିମଦାତାମାନେ ତାଲିମଗ୍ରହଣ କରି ନିଜ ନିଜ ଜିଲ୍ଲାକୁ ଯାଇ ମଣ୍ଡଳ ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ତାଲିମ ଯୋଗାଇଦେବେ। ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଗ୍ରାମପଞ୍ଚାୟତସ୍ତରୀୟ ତାଲିମ ଶେଷ କରାଯିବା ସହିତ ମେ' ୧୫ ତାରିଖ ଠାରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ମଣ୍ଡଳୀସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଶେଷ କରାଯିବ। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟ କାଳିଆ ଟଙ୍କା ଲୋକଙ୍କ ଆକାଉଣ୍ଟକୁ ପଠାଯାଇସରିଛି। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪୫ ହଜାର ଭୂମିହୀନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ କାଳିଆ ଯୋଜନାରୁ ଉପକୃତ ହୋଇଛନ୍ତି। ଡିବିଟ୍ ମାଧ୍ୟମରେ ଚାଷୀଙ୍କ ପାଖରେ ୫ ହଜାର ଟଙ୍କା ପହଞ୍ଚିସାରିଛି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିଲା। ଉକ୍ତ ଯୋଜନା ରାଜ୍ୟ ଚାଷୀ, ଚାଷୀ ପରିବାର ଦ୍ୱାରା ଆଦୃତ ହୋଇପାରିଛି। ରାଜ୍ୟବାସୀ ଏହି ଯୋଜନାରେ ଯୋଡ଼ିହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ରାଜ୍ୟ ସରକାର ଏହି ଯୋଜନାରେ ରାଜ୍ୟର ୨୯ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।


# ମୁଖ୍ୟମନ୍ତ୍ରୀଙ୍କୁ ଦୋଷୀ କହିଲେ ଧର୍ମେନ୍ଦ୍ର, ବିଜେଡି କହିଲା ପ୍ରତାରଣା

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରସ୍ତାବିତ ଉପକୂଳ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଏହି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରାଇ ନଦେବା ପଛରେ ରାଜ୍ୟ ସରକାର ବୋଲି ନବୀନଙ୍କୁ ଟାର୍ଗେଟ ବି କରିଛନ୍ତି। କୋଷ୍ଟାଲ ହାଇୱେ ଓ ଚିଲିକା ଉପରେ ଯେଉଁ ଦୁଇଟି ବ୍ରିଜ୍ ନିର୍ମାଣ କରାଯିବ ସେଥିରେ ଜମି ଅଧିଗ୍ରହଣର ଆବଶ୍ୟକତା ନାହିଁ ବୋଲି ସେ କହିବା ସହିତ ସିଆରଜେଡ୍ ଅନୁମତି ସୁପାରିସ କରିବାରେ ରାଜ୍ୟ ସରକାର କାହିଁକି ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି ତାହା ଦର୍ଶାଇଛନ୍ତି। ୨୦୧୫-୧୬ରେ ଉପକୂଳ ରାଜପଥ ନିର୍ମାଣ ପ୍ରସଙ୍ଗରେ ନବୀନଙ୍କ ସରକାର ଯେଉଁକଥା କହୁଥିଲେ ୨୦୧୯ରେ ମଧ୍ୟ ତାହା ଦୋହରାଉଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜାଣିବାକୁ ଚାହିଁଛନ୍ତି ଯେ, ପ୍ରକଳ୍ପ କରାଇ ନଦେବା ପଛରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ପୂର୍ତ୍ତ ସଚିବ ନଳୀନ ପ୍ରଧାନଙ୍କ ହାତ ରହିଛି ଏବଂ ଏମାନେ ହିଁ ମୂଳଦୋଷୀ। ପୂର୍ତ୍ତ ସଚିବ ସରକାରୀ କାର୍ଯ୍ୟ ଛାଡି ରାଜନୀତିରେ ମାତିଛନ୍ତି ବୋଲି ସମାଲୋଚନା କରିଛନ୍ତି ଧର୍ମେନ୍ଦ୍ର।

ଉଲ୍ଲେଖଯୋଗ୍ୟ, ପ୍ରସ୍ତାବିତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରୁ ଦୀଘା ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ତତ୍କାଳୀନ କେନ୍ଦ୍ର ସଡ଼କ, ପରିବହନ, ରାଜପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଜୟରାମ ଗଡ଼କରୀ ପିପିଲି ଟୋଲ୍ ଗେଟ୍ ଠାରେ ୯/୭/୨୦୧୫ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର-ପୁରୀ ୪ଲେନ୍ ବିଶିଷ୍ଟ ଜାତୀୟ ରାଜପଥକୁ ଉଦ୍‌ଘାଟନ ବେଳେ ଘୋଷଣା କରିଥିଲେ। ସେ କହିଥିଲେ ଯେ ଏହି କୋଷ୍ଟାଲ୍ ହାଇୱେ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଭୁବନେଶ୍ୱର-ପୁରୀ ୪ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ୨୦୧୧ରୁ ଆରମ୍ଭ ହୋଇ ୨୦୧୫ରେ ଶେଷ ହୋଇଛି। ଏହି ରାସ୍ତା ୬୭.୨ କିମି ପରିବ୍ୟାପ୍ତ ବୋଲି ସେ ଘୋଷଣା କରିଥିଲେ। ଶ୍ରୀ ଗଡ଼କରୀ ଚନ୍ଦନପୁର-ରାମେଶ୍ୱର ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ଭାବେ ଘୋଷଣା କରି ଖୁବ୍‌ଶୀଘ୍ର ଏହାର ଉନ୍ନତିକରଣ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ପୁରୀ ଠାରୁ ଭୁବନେଶ୍ୱର ମଙ୍ଗଳାଘାଟ ଦେଇ ଷ୍ଟରଲିଂ ପର୍ଯ୍ୟନ୍ତ ଏହି ପ୍ରସ୍ତାବିତ ୬୭.୨ କିମି ରାସ୍ତା ଆଜି ମଧ୍ୟ ପୂର୍ଣ୍ଣାଙ୍ଗ ହୋଇନାହିଁ। ଏହି ସଭାରେ ତତ୍କାଳୀନ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହି କେନ୍ଦ୍ର ସରକାର ଏହି ପ୍ରସ୍ତାବିତ କୋଷ୍ଟାଲ୍ ହାଇୱେ ଏବଂ ଚନ୍ଦନପୁର-ରାମେଶ୍ୱର ଜାତୀୟ ରାଜପଥ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଇତିମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୦୧୫ ନବକଳେବର ଏବଂ ୨୦୧୬-୧୭-୧୮ ତିନୋଟି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ଦୁର୍ଭାଗ୍ୟର କଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ନବକଳେବର ସମୟରେ ଘୋଷିତ ଏହି ପ୍ରମୁଖ କାର୍ଯ୍ୟକ୍ରମଗୁଡିକ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ଏ ସଂପର୍କରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ୨୦୧୮ ଜୁନ୍ ୭ ତାରିଖ ଦିନ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ଯେ ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ପ୍ରସ୍ତାବିତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଦୁର୍ଭାଗ୍ୟର କଥା, ବହୁ ପ୍ରଚାରିତ ଏହି କୋଷ୍ଟାଲ୍ ହାଇୱେ ସଂପର୍କରେ ବାରମ୍ବାର ରାଜ୍ୟରେ ବିଭିନ୍ନ ସ୍ତରରେ ଦାବି ଉପସ୍ଥାପିତ ହେଲା ପରେ ୨୦୧୮ ନଭେମ୍ବର ୮ ତାରିଖ ଦିନ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶିଶୁମୋହନ ରାଜ୍ୟର ସଦସ୍ୟ ସଚିବ (ଓଡ଼ିଶା କୋଷ୍ଟାଲ୍ ଜୋନ୍ ମ୍ୟାନେଜ୍‌ମେଣ୍ଟ ଅଥରିଟି)ଙ୍କୁ ତାଙ୍କ ପତ୍ର ନଂ-୨୩୮୦ ମାଧ୍ୟମରେ ସିଆରଜେଡ୍ (କୋଷ୍ଟାଲ୍ ରେଗୁଲେସନ୍ ଜୋନ୍) ଅନୁମୋଦନ ପାଇଁ ପତ୍ର ପଠାଇବାର ଦୁଇଦିନ ପରେ ନଭେମ୍ବର ୧୦ ତାରିଖ ଦିନ ଭାରତୀୟ ଜନତା ପାର୍ଟି ଏକ ଖବରଦାତା ସମ୍ମିଳନୀରେ କହିଥିଲା, "କୋଷ୍ଟାଲ୍ ହାଇୱେ ଓଡ଼ିଶା ଅର୍ଥନୀତିର ଜୀବନରେଖା। ଏହାକୁ ଆଗେଇ ନେବା ପାଇଁ ସରକାରଙ୍କର ଆନ୍ତରିକତା ନାହିଁ। ରାଜ୍ୟ ସରକାର ଜମି ଅଧିଗ୍ରହଣ, ଜଙ୍ଗଲ ଓ ପରିବେଶ ଅନୁମତି ଦେଇନାହାନ୍ତି।" ଏଠାରେ ବିଜୁ ଜନତା ଦଳ ସ୍ପଷ୍ଟ କରିଦେବାକୁ ଚାହେଁ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ୧୧/୧୦/୨୦୧୮ରେ ପୁରୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

### ଉପକୂଳ ରାଜପଥ ନିର୍ମାଣ ପ୍ରସଙ୍ଗ

(ଆର୍‌ଡବ୍ଲୁଏସ୍ଏସ୍), ପୁରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ପିଏଚ୍), ବ୍ରହ୍ମପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଆର୍‌ଡବ୍ଲୁଏସ୍ଏସ୍) ଓ ୨୪/୯/୨୦୧୮ରେ ଡିଏଫ୍‌ଓ କଟକ, ଡିଏଫ୍‌ଓ ରାଜନଗର, ଡିଏଫ୍‌ଓ ପୁରୀଙ୍କୁ ଏହି ପ୍ରକଳ୍ପକୁ ସହଯୋଗ କରିବା ପାଇଁ ପତ୍ର ମାଧ୍ୟମରେ ଜଣାଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା, ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଞ୍ଚଳିକ ଅଫିସ୍ ସହିତ ଯୋଗାଯୋଗ କଲା ପରେ ଯାହା ତଥ୍ୟ ଆସିଛି ସେଥିରୁ ଜଣାପଡିଛି, ଗୋପାଳପୁର ଠାରୁ ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପ ପାଇଁ ମେସର୍ସ ଚୈତନ୍ୟ ପ୍ରୋଜେକ୍ଟ କନ୍‌ସଲଟାନ୍ସି ପ୍ରା:ଲି:କୁ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ)ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଥିବା ବେଳେ ଜାତୀୟ ରାଜପଥର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ, ଯେହେତୁ ଉକ୍ତ ପ୍ରକଳ୍ପର ଆଲଏନ୍‌ମେଣ୍ଟ ସ୍ଥିର ହୋଇନାହିଁ ଏବଂ ଆବଶ୍ୟକୀୟ କେଉଁ ଜମି ଅଧିଗ୍ରହଣ କରାଯିବ ସେ ସଂପର୍କରେ ନିଷ୍ପତ୍ତି ହୋଇନାହିଁ ଏବଂ କୋଷ୍ଟାଲ୍ ହାଇୱେ ଅତିକ୍ରମ କରୁଥିବା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲ୍ଲାର କେଉଁ ଜମି ଅଧିଗ୍ରହଣ କରାଯିବ ସେ ସଂପର୍କରେ ରାଜ୍ୟ ସରକାରଙ୍କୁ ଜଣାଇ ନାହାନ୍ତି। ତେଣୁ ବାରମ୍ବାର କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପିର ରାଜ୍ୟ ନେତାମାନେ ବାସ୍ତବ ତଥ୍ୟକୁ ଅନୁଧ୍ୟାନ ନକରି ଓଡ଼ିଶାର ଜନସାଧାରଣଙ୍କୁ ଭୁଲ ତଥ୍ୟ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ବିଶେଷତଃ ଏଥିନେଇ ବାରମ୍ବାର ବିଭ୍ରାନ୍ତିକର ବିବୃତି ଦେଉଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜଣେ ଅଭ୍ୟାସଗତ ମିଛୁଆ ଓ ଧୋକ୍କାବାଜ୍ ବୋଲି ଏଥିରୁ ଜଣାପଡୁଛି। ସେ ସେଥିରୁ କ୍ଷାନ୍ତ ରହି ଏ ପ୍ରକଳ୍ପକୁ ଆଗେଇ ନେବା ପାଇଁ ଆନ୍ତରିକ ଉଦ୍ୟମ କରିବା ପାଇଁ ବିଜୁ ଜନତା ଦଳ ଦାବି କରୁଛି। ପ୍ରସ୍ତାବିତ ତଟୀୟ ରାଜପଥର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାସ୍ତାକୁ ବନ୍ଦର ସହିତ ଯୋଡ଼ିବା, ବାତ୍ୟା ପ୍ରବଣ ଅଞ୍ଚଳକୁ ସୁରକ୍ଷିତ ରଖିବା ଓ ପର୍ଯ୍ୟଟନର ବିକାଶ କରିବା। କିନ୍ତୁ ଦୁର୍ଭାଗ୍ୟର କଥା କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କୁ ସାତପଡ଼ା ଠାରୁ ପୁରୀ, କୋଣାର୍କ ଠାରୁ ଅସ୍ତରଙ୍ଗ, ଧାମରା ଠାରୁ ତାଳସରୀ ଏବଂ ଚମ୍ପାପୁର ପର୍ଯ୍ୟନ୍ତ ରାଜ୍ୟ ସରକାର ଦେଇଥିବା ତଟୀୟ ରାଜପଥ ପାଇଁ ପ୍ରସ୍ତାବ ଓଡ଼ିଶାର ପର୍ଯ୍ୟଟନର ବିକାଶକୁ ଆଗକୁ ନେବା ପାଇଁ ଉଦ୍ଦିଷ୍ଟ ଥିଲା। ସମୁଦ୍ର ତଟରୁ ୫୦୦ ମିଟର ସିଆରଜେଡ୍ ଲାଇନ୍‌କୁ ବାଦ୍ ଦେଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପ୍ରସ୍ତାବିତ ତଟୀୟ ରାଜପଥ ନିର୍ମାଣ କରିବା ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ଚୈତନ୍ୟ ପ୍ରୋଜେକ୍ଟ କନ୍‌ସଲ୍‌ଟାନ୍ସି ପ୍ରା.ଲି. ଏକ ଆଲାଇନ୍‌ମେଣ୍ଟ ପ୍ଲାନ୍ ପ୍ରସ୍ତୁତ କରିଥିଲା। ପରବର୍ତ୍ତୀ ସମୟରେ ଆଲାଇନ୍‌ମେଣ୍ଟ ପ୍ଲାନ୍‌କୁ ବଦଳାଇ ପୁରୀ-ସାତପଡ଼ା, କୋଣାର୍କ-ଅସ୍ତରଙ୍ଗ, ଧାମରା-ତାଳସରୀ ରାସ୍ତା ଚମ୍ପାପୁର ପର୍ଯ୍ୟନ୍ତ, ପୁରୁଣା ରାସ୍ତାକୁ ପ୍ରଶସ୍ତ କରି କେବଳ ତଟୀୟ ରାଜପଥର ନାମ ଦେବା ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗୋଟିଏ ନିର୍ବାଚିତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହୁତ ବଡ଼ ଧୋକ୍କା। ଏଥିସହିତ ତାହା ମିଛର ଆଶ୍ରୟ ନିଜର ରାଜନୈତିକ ପତିଆରା ଜାହିରି କରିବା ପାଇଁ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ବ୍ୟବହାର କରୁଛନ୍ତି, ତା'ର ଜବାବ ଓଡ଼ିଶାବାସୀ ଠିକଣା ସମୟରେ ଦେବେ ବୋଲି ଆଜି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସଂପାଦକ ସଂଜୟ କୁମାର ଦାସବର୍ମା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ ବିଜୟ ନାୟକ ଓ ମୁଖପାତ୍ର ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ।




ଏକମାତ୍ର EKAMAATRA
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ଫେବୃଆରୀ, ୨୦୧୯


# କର୍ମ ହିଁ ଫଳ ଦିଏ

**ରା**ଫେଲ୍ ଯୁଦ୍ଧ ବିମାନ ଡିଲ୍‌କୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯେଭଳି ବାରମ୍ବାର ସମାଲୋଚନା କରୁଥିଲେ ତାହାର ସିଏଜି ରିପୋର୍ଟ ସଂସଦରେ ଉପସ୍ଥାପିତ ହେବା ପରେ ସତ ପଦାକୁ ଆସିଲା। ଏଥିରେ ସିଏଜି ଯେଉଁ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି ସେଥିରେ ଦର୍ଶାଇଛନ୍ତି ଯେ, ଫ୍ରାନ୍ସ ଓ ଭାରତ ସରକାରଙ୍କ ମଧ୍ୟରେ ହୋଇଥିବା ଏହି ବୁଝାମଣା ବହୁତ ଶସ୍ତାରେ ହୋଇଛି। ୨୦୦୭ ମସିହାରେ ଉପା ସରକାର ଅମଳରେ ଏଥିପାଇଁ ଯେଉଁ ବୁଝାମଣା କରାଯାଇଥିଲା ଓ ଦର ଧାର୍ଯ୍ୟ ହୋଇଥିଲା ତା' ତୁଳନାରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୨.୮୬% ଶସ୍ତା ବୋଲି କଣ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ନିଜ ରିପୋର୍ଟରେ ଦର୍ଶାଇଛନ୍ତି। କିନ୍ତୁ ଏଥିପୂର୍ବରୁ ପ୍ରତିରକ୍ଷା ମନ୍ତ୍ରାଳୟ କହିଥିଲେ ଯେ, ଉପା ସରକାରଙ୍କ ଠାରୁ ଏନ୍‌ଡିଏ ସରକାର ୯% କମ୍‌ରେ ଏହି ଡିଲ୍ କରିଛି। ଯାହାକୁ ସିଏଜି ଅଗ୍ରାହ୍ୟ କରିଛନ୍ତି। ରାଫେଲ ବୁଝାମଣାରେ ୬ଟି ବିଭିନ୍ନ ପ୍ୟାକେଜ୍ ଓ ମୋଟ ୧୪ଟି ଜିନିଷ ରହିଛି। ତେବେ ରାହୁଲ ସଂସଦରେ ରାଫେଲକୁ ନେଇ ମୋଦିଙ୍କୁ ଯେଭଳି ଟାର୍ଗେଟ କରୁଥିଲେ ସତରେ ଯେମିତି ପ୍ରଧାନମନ୍ତ୍ରୀ ଚୋର ଓ ପ୍ରତିରକ୍ଷା ସଉଦା ପାଇଁ ଅଯୋଗ୍ୟ। କିନ୍ତୁ ରାଜନୀତି କରିବା ଉଦ୍ଦେଶ୍ୟରେ ରାହୁଲ ଏଭଳି କହିଥିଲେ ବି ଏହାର ପ୍ରଭାବ ଦେଶ ଭିତରେ ସେଭଳି କିଛି ଦେଖିବାକୁ ମିଳିଲା ନାହିଁ। କାରଣ କଂଗ୍ରେସ ହାତରେ ଭାରତର ଶାସନ ଦୀର୍ଘବର୍ଷ ଧରି ରହିଥିଲେ ବି ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଯେଉଁଠି ପହଞ୍ଚିବା କଥା ତାହା ସମ୍ଭବ ହୋଇପାରି ନଥିଲା। ଯେଉଁଥିପାଇଁ ଆମର ପଡୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସବୁବେଳେ ଡରାଇବାକୁ ଉଦ୍ୟମ କରିବା ସହିତ ଆତଙ୍କବାଦୀଙ୍କ ଜରିଆରେ ଭାରତର କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛି। ଆତଙ୍କବାଦୀ ଦମନ କ୍ଷେତ୍ରରେ ମୋଦି ସରକାର ସର୍ଜିକାଲ ଷ୍ଟ୍ରାଇକ୍ କରି ପାକିସ୍ତାନକୁ ଯେଭଳି ଚେତାବନୀ ଦେଲେ ତାହା ପୂର୍ବରୁ ଅନ୍ୟ ସରକାରଙ୍କ ଅମଳରେ ଦେଖିବାକୁ ମିଳି ନଥିଲା। ଜାମ୍ମୁ-କାଶ୍ମୀରରେ ଭାରତୀୟ ସେନାକୁ ପଥର ଫିଙ୍ଗୁଥିବା ଫିଙ୍ଗାଳୀଙ୍କ ସଂଖ୍ୟା ବୃଦ୍ଧି ରୋକିବା ଦିଗରେ କେନ୍ଦ୍ର ସରକାର ଯେଭଳି ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ବିଶ୍ୱ ଦରବାରରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମୋଦି ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି। ୫୫ ବର୍ଷର କଂଗ୍ରେସ ଶାସନ ତୁଳନାରେ ୫୫ ମାସର ମୋଦି ସରକାରଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନର ଲକ୍ଷଣ ସ୍ପଷ୍ଟ ବାରିହୁଏ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ମୋଦି ଯେଭଳି ଅନବରତ ଉଦ୍ୟମ କରିଛନ୍ତି ଏବଂ ଦେଶକୁ ଏକ ବିକଶିତ ତଥା ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଛନ୍ତି ତାହାକୁ ସ୍ୱୀକାର କରିବାକୁ ପଡିବ। ଦେଶ ପ୍ରତି ମୋଦିଙ୍କ ପ୍ରତିବଦ୍ଧତା ତୁଳନାରେ ରାହୁଲଙ୍କ ବ୍ୟକ୍ତିତ୍ୱ ଆଦୌ ସମାନ ନୁହେଁ। ସଂସଦରେ ମୋଦିଙ୍କୁ କଟାକ୍ଷ କରି ରାହୁଲ ଯେଉଁ ବକ୍ତବ୍ୟ ଦିଅନ୍ତି ସେଥିରେ ପିଲାଳିଆମୀ ଓ ଅନୁଭବହୀନ ବକ୍ତବ୍ୟ ଥିବାର ଅନୁଭବ ହୁଏ। ଦେଶ ଚଳାଇବା ପାଇଁ ଯେଉଁ ଯୋଗ୍ୟତା ଓ ଦକ୍ଷତା ଦରକାର ତାହା ରାହୁଲଙ୍କ ନିକଟରେ ରହିଥିବା କୌଣସି ଦେଶବାସୀ ଖୋଲା ହୃଦୟରେ ଗ୍ରହଣ କରିପାରିବେ ନାହିଁ। ବଂଶବାଦ ଆଧାରରେ ରାହୁଲ ରାଜନୀତିରେ ସକ୍ରିୟ ଥିଲେ ବି ସେ ଜଣେ ପୋଖତ ବା ବିଜ୍ଞ ନେତୃତ୍ୱର ଅଧିକାରୀ ଏକଥାକୁ ଗ୍ରହଣ କରିହୁଏନାହିଁ। ଯଦିଓ ୨୦୧୪ ନିର୍ବାଚନରେ ଦେଶରେ କଂଗ୍ରେସ ଶୋଚନୀୟ ଭାବେ ପରାଜୟ ବରଣ କରିଥିଲା ରାହୁଲଙ୍କ ନେତୃତ୍ୱରେ ଏହା କେତେକ ରାଜ୍ୟରେ ନିଜର ପତିଆରା ବୃଦ୍ଧି କରିବା ଦିଗରେ କିଞ୍ଚିତ ସମର୍ଥ ହୋଇଥିବାରୁ ବର୍ତ୍ତମାନ ରାହୁଲ ଯେ, ମୋଦିଙ୍କ ପ୍ରତିଦ୍ୱନ୍ଦ୍ୱୀ ଏହା କୁହାଯାଉଛି। ବାସ୍ତବରେ ଏହାର ଯଥାର୍ଥତା ବହୁତ୍ କମ୍।

ସମ୍ପାଦକୀୟ

ତାରକ ମହାନ୍ତି



ଓଡ଼ିଶା କ୍ଷେତ୍ରରେ ଦେଖିବାକୁ ଗଲେ ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଆମ ରାଜ୍ୟକୁ ବହୁତ ଗୁରୁତ୍ୱ ଦିଆଯାଇଛି। ପୂର୍ବ ଭାରତର ବିକାଶ ମାନଚିତ୍ରରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାବେ ବିଚାର କରି ଅନେକ ଯୋଜନା କାର୍ଯ୍ୟ କରିବାର ପଦକ୍ଷେପ ଯୋଗୁଁ ବିଜେପି ଏଠାରେ କଂଗ୍ରେସକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିଛି। ଯଦିଓ ସଂସଦରେ ଓଡ଼ିଶାରୁ ବିଜେପିର ଜଣେ ମାତ୍ର ସାଂସଦ ଜୁଏଲ ଓରାମ ରହିଛନ୍ତି ଏବଂ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇଛନ୍ତି। ଆଉଜଣେ ଓଡ଼ିଆ ଭାବେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ସହିତ ରାଜ୍ୟ ରାଜନୀତିରେ ନିଜର ଦକ୍ଷତାକୁ ପ୍ରତିପାଦିତ କରିଛନ୍ତି ସେ ହେଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଉପା ସରକାର ତୁଳନାରେ ବର୍ତ୍ତମାନର ଏନ୍‌ଡିଏ ସରକାର ସବୁ ଦୃଷ୍ଟିକୋଣରୁ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଯଦିଓ ଓଡ଼ିଶାରେ ଦୀର୍ଘବର୍ଷ ହେବ ଆଞ୍ଚଳିକ ଦଳ ଭାବେ ବିଜୁ ଜନତା ଦଳ ଶାସନ କ୍ଷମତାରେ ରହି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ପ୍ରଗତି ପାଇଁ ଚେଷ୍ଟା ଚଳାଇଛନ୍ତି ତଥାପି କେତେକ କ୍ଷେତ୍ରରେ କେନ୍ଦ୍ର ସହ ରାଜ୍ୟର ବୁଝାମଣା ହୋଇପାରୁନାହିଁ। ଯେଉଁଥିପାଇଁ କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗରେ ବିଜେଡି ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହିତ ଏନ୍‌ଡିଏ ସହ ଏକମତ ହୋଇପାରିନାହିଁ। ସମଦୂରତା କଥା କହୁଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏନ୍‌ଡିଏ ସରକାରକୁ ସମର୍ଥନ ଯୋଗାଇ ଆସିଛନ୍ତି। ଯେଉଁଥିପାଇଁ ବିଜେଡି ଓ ବିଜେପି ମଧ୍ୟରେ ରହିଥିବା ସମ୍ପର୍କକୁ ନେଇ କଂଗ୍ରେସ ବାରମ୍ବାର ପ୍ରଶ୍ନ ଉଠାଇ ଆସିଛି। ଆଗକୁ ସାଧାରଣ ନିର୍ବାଚନ ପାଖେଇ ଆସୁଥିଲା ବେଳେ କିଏ କାହାର କେତେ ନିକଟତର ବିଚାର ଅପେକ୍ଷା କେଉଁ ଦଳ କିଭଳି ନିର୍ବାଚନ ବୈତରଣୀ ପାର ହେବ ତାହାର ଅଙ୍କକଷା ଚାଲିଛି। ହେଲେ ବିଜେଡି ପୂର୍ବଭଳି ଓଡ଼ିଶାରେ ଶାସନ କ୍ଷମତାରେ ରହିବା ପାଇଁ ସଂଖ୍ୟାଧିକ ଜନପ୍ରିୟ ଯୋଜନାକୁ କାର୍ଯ୍ୟକାରୀ କରିଚାଲିଛି। ରାଜ୍ୟ ବିଜେପି କେନ୍ଦ୍ରୀୟ ନେତାଙ୍କୁ ଅଧିକ ଭରସା କରୁଛି ସିନା ତୃଣମୂଳ ସ୍ତରରେ ଲୋକଙ୍କୁ ବିଜେପି ମୁହାଁ କରାଇବା ଦିଗରେ ସେଭଳି କିଛି ଲକ୍ଷଣ ପ୍ରକାଶ ନ ପାଇବା ମଧ୍ୟ ସନ୍ଦେହ ଘେରରେ। ବିଜେପିର ଟାଣୁଆ ନେତା ବିଜୟ ମହାପାତ୍ର, ଦିଲ୍ଲୀପ ରାୟ ଦଳ ଛାଡିବା ପରେ ଏନେଇ ରାଜ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। କେହି କେହି ଧର୍ମେନ୍ଦ୍ରଙ୍କ ଯୋଗୁଁ ବିଜେପିର ପୁରୁଖା ନେତାମାନେ ଦଳ ପ୍ରତି ବିତସ୍ପୃହ ବୋଲି କହୁଥିଲା ବେଳେ ଆଉ କେହି କେହି ବିଜେଡି ପ୍ରତି ବିଜେପିର କୋହଳ ମନୋଭାବ ସମ୍ପର୍କରେ ଉଲ୍ଲେଖ କରୁଛନ୍ତି। କାରଣ ଆଗାମୀ ଦିନରେ କେନ୍ଦ୍ରରେ ଏନ୍‌ଡିଏ ସରକାର ଗଠନ କରିବାକୁ ହେଲେ ବିଜେଡିର ସହଯୋଗ ଦରକାର ପଡିପାରେ। ଏହି ଅର୍ଥରେ ବିଜେପି ଯେ, ବିଜେଡି ପ୍ରତି ଅଧିକ କଠୋର ନୁହେଁ ବା ପ୍ରତିହିଂସା ପରାୟଣ ନୁହେଁ ତାହା ଜଣାପଡିଛି। ନିକଟରେ ମୋଦି ଯେତେଥର ଓଡ଼ିଶା ଆସିଛନ୍ତି ତାଙ୍କ ଭାଷଣରେ ସିଧାସଳଖ ନବୀନ ବିରୋଧୀ ମନ୍ତବ୍ୟ ବଦଳରେ ରାଜ୍ୟରେ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତାରେ ଅବହେଳା କଥା ସୂଚାଇ ଦେଇଛନ୍ତି। ଲୋକପ୍ରିୟତା ଦୃଷ୍ଟିକୋଣରୁ ମୋଦି ଯେ ଦେଶ ପାଇଁ ଉପଯୁକ୍ତ ଏବଂ ସେ ପୁନର୍ବାର ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି କହିଛନ୍ତି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ପରମାଣୁ ରାଜନୀତି: ଏକ ସମୀକ୍ଷା



ଅମିନୀଲୁ ରାୟ

ଅଧୁନା ଆଧୁନିକ ବିଶ୍ୱ ଏକ ଜଟିଳ ରାଜନୀତିକ ଅବସ୍ଥା ମଧ୍ୟ ଦେଇ ଗତି କରୁଛି । ଅତୀତର ରାଜତନ୍ତ୍ର ଶାସନ କାଳରେ ଶାସକ ରାଜାମାନଙ୍କର ଏକ ପ୍ରଧାନ ଅଭିପ୍ରାୟ ଥିଲା ରାଜ୍ୟ ଜୟ ଓ ସାମ୍ରାଜ୍ୟ ବିସ୍ତାର । ମାତ୍ର ନଦୀ, ନାଳ, ଗିରି, ସମୁଦ୍ର ଇତ୍ୟାଦି ପ୍ରାକୃତିକ ପ୍ରତିବନ୍ଧକ ବହୁ କ୍ଷେତ୍ରରେ ତା'ର ଗତିରୋଧ କରୁଥିଲା । ତେଣୁ ଆଲେକ୍‌ଜାଣ୍ଡାର ଓ ନେପୋଲିୟନ୍‌ଙ୍କ ପରି ବୀରମାନେ ବିଶ୍ୱ ବିଜୟୀ ହେବାର କଳ୍ପନାରେ ସଫଳକାମ ହୋଇପାରି ନଥିଲେ । ମନୁଷ୍ୟର ଏହି ଆତ୍ମ-ସମ୍ପ୍ରସାରଣବାଦୀ ମନୋଭାବ ଯୁଗେ ଯୁଗେ ଧରା ବକ୍ଷକୁ ନର ରକ୍ତରେ ରଞ୍ଜିତ କରିଛି । ଯୁଦ୍ଧ ଓ ରାଜ୍ୟ ଜୟ ହୋଇଛି ମାନବ ସମାଜର ବହୁ ଦୁଃଖ ଓ ଦୁର୍ଦ୍ଦିନର କାରଣ ।

କିନ୍ତୁ ଆଧୁନିକ ଯୁଗରେ ଜ୍ଞାନ ବିଜ୍ଞାନର ପ୍ରସାର ଫଳରେ ପୃଥିବୀର ପରିଧି କ୍ରମେ ସଙ୍କୁଚିତ ହୋଇଯାଇଛି । ସମଗ୍ର ବିଶ୍ୱର ଛବି ମନୁଷ୍ୟର ନଖ ଦର୍ପଣରେ ପ୍ରତିଫଳିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋଟିଏ ପାର୍ଶ୍ୱରେ ଥାଇ ହସ୍ତ ପ୍ରସାରଣ କଲେ ତାହା ପୃଥିବୀର ଅପର ପାର୍ଶ୍ୱକୁ ସ୍ପର୍ଶ କରିଯିବାର ଦକ୍ଷତା ମନୁଷ୍ୟ ହାସଲ କରିଅଛି । ତେଣୁ ଅତୀତର ସେହି ବିଶ୍ୱ ବିଜୟୀ ହେବାର ସ୍ୱପ୍ନ ଆଧୁନିକ ଯୁଗର ମନୁଷ୍ୟକୁ ବିଭୋର କରିଛି । ଧନଶାଳୀ, ଶକ୍ତିଶାଳୀ ଓ ବୃହତ ରାଷ୍ଟ୍ରର ନେତୃବର୍ଗ ପ୍ରତି ମୁହୂର୍ତ୍ତରେ ଆକାଶ କୁସୁମ ତୋଳୁଛନ୍ତି । ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା, ଗମନାଗମନରେ ସୁବିଧା, ମହାକାଶ ଯାତ୍ରାର ସୁଗମତା ସର୍ବୋପରି ଆକ୍ରମଣ ଓ ପ୍ରତି ଆକ୍ରମଣ ନିମନ୍ତେ ଭୟଙ୍କର ଶକ୍ତି ସଂଗ୍ରହ ତାହାର ଆଶାକୁ ଅଧିକ ବଳବତର କରିଛି । ରାଜତନ୍ତ୍ର ବା ବ୍ୟକ୍ତିତନ୍ତ୍ର ସ୍ଥାନରେ ପୃଥିବୀର ବିଭିନ୍ନ ଦେଶରେ ଗଣତନ୍ତ୍ରର ବିକାଶ ହେବା ଫଳରେ ଅତୀତର ସାମ୍ରାଜ୍ୟ ବିସ୍ତାରର ପରିକଳ୍ପନା ଆଜି ଅବଶ୍ୟ ଓ ଅପ୍ରାସଙ୍ଗିକ ହୋଇପଡିଛି, ତଥାପି ପୃଥିବୀରେ ଆପଣାର ପ୍ରାଧାନ୍ୟ ବିସ୍ତାର କରି ନିଜର କ୍ଷମତା ଓ ଐଶ୍ୱର୍ଯ୍ୟରେ ଅନ୍ୟମାନଙ୍କର ଚକ୍ଷୁ ଝଲସାଇ ଦେବା ପାଇଁ ଚାଲିଛି ପ୍ରତିଯୋଗିତା । ଏହି ପ୍ରତିଯୋଗିତାକୁ ଅଧିକ ତୀବ୍ରତର କରିଛି ଆଧୁନିକ ବିଜ୍ଞାନ । ସେଥିପାଇଁ ପୃଥିବୀ ଅହରହ ଏକ ଶୀତଳ ଯୁଦ୍ଧ ମଧ୍ୟ ଦେଇ ଗତି କରୁଛି ।

ଆଧୁନିକ ବିଜ୍ଞାନର ବିକାଶ ହୋଇ ନଥିଲେ ହୁଏତ ବିଗତ ଶତକର ପ୍ରଥମାର୍ଦ୍ଧରେ ମାତ୍ର ୨୦ ବର୍ଷର ବ୍ୟବଧାନରେ ଦୁଇ ଦୁଇଟା ବିଶ୍ୱ ଯୁଦ୍ଧ ଘଟି ଯାଇ ନଥାନ୍ତା । ପୁଣି ଶତାବ୍ଦୀର ମଧ୍ୟ ଭାଗରେ ଶକ୍ତିଶାଳୀ ଓ ବିତଶାଳୀ ରାଷ୍ଟ୍ର ଆମେରିକା ହଜାର ହଜାର ମାଇଲ୍ ଦୂରରୁ ଭିଏତନାମ୍ ସହିତ ଦୀର୍ଘକାଳ ଧରି ସଂଗ୍ରାମ ଜାରି ରଖି ନଥାନ୍ତା । ଗତ ଶତାବ୍ଦୀର ନବମ ଦଶକରେ ଇରାକ ବିରୋଧରେ ମିତ୍ର ଶକ୍ତିମାନଙ୍କର ମିଳିତ ସଂଗ୍ରାମର ଭୟାବହତା ପାଇଁ ଆଧୁନିକ ବିଜ୍ଞାନ ହିଁ ଦାୟୀ ବୋଲି ଅସ୍ୱୀକାର କରି ହେବ ନାହିଁ । ଦ୍ୱିତୀୟ ମହାଯୁଦ୍ଧରେ ହୀରୋସୀମା ଓ ନାଗାସାକି ଉପରେ ଆମେରିକା ପରମାଣୁ ବୋମା ନିକ୍ଷେପ କରିବା ଫଳରେ ଧ୍ୱଂସର ଯେଉଁ ମହାତାଣ୍ଡବ ସୃଷ୍ଟି ହେଲା, ସେଥିପାଇଁ ବିଜ୍ଞାନ ବ୍ୟତୀତ ଆଉ କାହାକୁ ବା ଦାୟୀ କରାଯିବ ? କଲ୍ୟାଣରୂପୀ ବିଜ୍ଞାନକୁ ଆଜି ମରଣମୟ କରିବା ଦିଗରେ ସ୍ୱୟଂ ବୈଜ୍ଞାନିକମାନେ ଦାୟୀ ନୁହନ୍ତି । ଦାୟୀ ନୁହନ୍ତି ସେମାନେ, ଯେଉଁମାନେ କି ସ୍ୱତପସ୍ୟା ଓ ସାଧନା ବଳରେ ପ୍ରକୃତ ରହସ୍ୟକୁ ଉନ୍ମୋଚନ କରି ବିଜ୍ଞାନର ମହାମୂଲ୍ୟ ତତ୍ତ୍ୱ ଓ ତଥ୍ୟଗୁଡିକ ମାନବ ସମାଜ ହାତରେ ଧରାଇଦେଇ ଯାଇଛନ୍ତି । ଏ ଦିଗରେ କେବଳ ଦାୟୀ କରାଯିବ ପୃଥିବୀର ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କୁ । ପୃଥିବୀର ଜଟିଳ ରାଜନୀତିକ ଘନଘଟା ମଧ୍ୟରେ ସେଇମାନେ ହିଁ ନିଜର ସ୍ୱାର୍ଥ ଉଦ୍ଦେଶ୍ୟରେ ବିଜ୍ଞାନକୁ ବ୍ୟବହାର କରି ମନୁଷ୍ୟର ଜୀବନକୁ ଦୁର୍ବିସହ କରିପକାଇଛନ୍ତି ।

ରାଜତନ୍ତ୍ର ଶାସନଠାରୁ ଆରମ୍ଭ କରି ଆଧୁନିକ ଯୁଗର ଗଣତନ୍ତ୍ର ଶାସନ ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ର ପକ୍ଷେ ପ୍ରତିରକ୍ଷା ହେଉଛି ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର । କାରଣ ଏହି ପ୍ରତିରକ୍ଷା ଉଦ୍ଦେଶ୍ୟରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡିଥାଏ । ଯହୁଁ ଯହୁଁ ଅତ୍ୟାଧୁନିକ ରଣ କୌଶଳ ସହିତ ବିଭିନ୍ନ ପ୍ରକାରର ଦୂରଗାମୀ ମାରଣାସ୍ତ୍ରମାନ ଆବିଷ୍କୃତ ହେଉଛି, ତହୁଁ ତହୁଁ ବ୍ୟୟ ବି ବଢି ବଢି ଯାଉଛି । ଯୁଦ୍ଧ ନିମନ୍ତେ ଆଜି ଆଉ ଗୁଳିଗୋଳା ବନ୍ଧୁକ ଯଥେଷ୍ଟ ନୁହେଁ । ଆଜି ଆଉ ସମ୍ମୁଖ ସଂଗ୍ରାମର ମଧ୍ୟ ପ୍ରୟୋଜନ ନାହିଁ । ଦୂରଗାମୀ କ୍ଷେପଣାସ୍ତ୍ରମାନ ଉଦ୍ଭାବିତ ହେବା ଫଳରେ ବସ୍ତୁତଃ ସମ୍ମୁଖ ସଂଗ୍ରାମ ଅନାବଶ୍ୟକ ହୋଇପଡିଛି । କୃତ୍ରିମ ଉପଗ୍ରହକୁ ପ୍ରତିରକ୍ଷା କାର୍ଯ୍ୟରେ ବ୍ୟବହାର କରାଯାଉଥିବାର ଏକ ଗୁରୁତ୍ୱର ଅଭିଯୋଗ ବହୁଦିନରୁ ଆମେରିକା ବିରୋଧରେ କରାଯାଉଛି । ଏହାରି ଜରିଆରେ ଶତ୍ରୁ ପକ୍ଷର ସୈନ୍ୟଚାଳନା, ଅସ୍ତ୍ରଭଣ୍ଡାର, ପରମାଣୁ କାର୍ଯ୍ୟକଳାପ ଏବଂ ତତ୍‌ସହିତ ଦେଶର ବନ୍ଧବାଡ, କଳକାରଖାନା ଓ ନଦୀନାଳର ନକ୍‌ସା ସହଜରେ ହସ୍ତଗତ ହୋଇପାରୁଛି । ସେଥିପାଇଁ ମହାକାଶରେ ଅସ୍ତ୍ର ପରୀକ୍ଷାକୁ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ନକରିବାକୁ ଦାବି ହେଉଛି । ପରିସ୍ଥିତି ଓ ଆବଶ୍ୟକତାକୁ ଚାହିଁ ଭାରତ ମଧ୍ୟ ପ୍ରତିରକ୍ଷା ପ୍ରସ୍ତୁତିରେ ପଶ୍ଚାତଗାମୀ ହୋଇନାହିଁ । ଭାରତ ମଧ୍ୟ ପରମାଣୁ ଶକ୍ତିର ଅଧିକାରୀ ଓ ଅଗ୍ନି, ନାଗ, ପୃଥ୍ୱୀ, ତ୍ରିଶୂଳ ଇତ୍ୟାଦି କେତେକ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ କରିବାରେ ସଫଳ ହୋଇଛି । ଏଭଳି ସାଫଲ୍ୟରେ ଅନ୍ୟ ଦେଶମାନେ ଯେତେ ବିବ୍ରତ ନୁହନ୍ତି, ତତୋଧିକ ବିବ୍ରତ ହେଉଛନ୍ତି ରାଜନୀତିକ ନେତୃବୃନ୍ଦ । କାରଣ ବୈଜ୍ଞାନିକ ସାଧନଗୁଡିକ ସଂପ୍ରତି ରାଜନୀତିକ ନେତାମାନଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହେଉଛି । ଗବେଷଣାଗାର ମଧ୍ୟରୁ ବାହାରି ଯିବା ପରେ ତାହାର ନିୟନ୍ତ୍ରଣ ଅଧିକାର ରାଷ୍ଟ୍ର ହାତରେ ହିଁ ନ୍ୟସ୍ତ ହେଉଛି । ପରମାଣୁର ସନ୍ଧାନ ଯିଏ ପ୍ରଥମ କରି ବିଶ୍ୱକୁ ପ୍ରଦାନ କରିଥିଲେ, ସେମାନେ ତାହା କେବେ ରାଜନୀତିକ ପ୍ରରୋଚନା ବା ରାଷ୍ଟ୍ରୀୟ ନିର୍ଦ୍ଦେଶରେ କରିନଥିଲେ । ସେମାନେ ତାହା ସ୍ୱାଧୀନ ଭାବରେ ସମ୍ପାଦନ କରି ମାନବ ସମାଜ ହସ୍ତରେ ଅର୍ପଣ କରିଥିଲେ, ମାତ୍ର ତାହା ଆଜି ଦେଶର ରାଜନୀତିକ ଇଚ୍ଛା ଏବଂ ଆବଶ୍ୟକତାର ଅଧୀନ ଅଟେ ।

ଅଧୁନା ବିଶ୍ୱ ରାଜନୀତିରେ ସବୁଠାରୁ ଜଟିଳତା ସୃଷ୍ଟି କରିଛି ପରମାଣୁ କାର୍ଯ୍ୟକ୍ରମ । କାରଣ ଏହାର ଧ୍ୱଂସକାରୀ ଶକ୍ତି କେବଳ ଅକଳ୍ପନୀୟ ନୁହେଁ, ଅବର୍ଣ୍ଣନୀୟ ମଧ୍ୟ । ସେଥିପାଇଁ ପରମାଣୁ ଶକ୍ତିର ଅଧିକାରୀ ରାଷ୍ଟ୍ରମାନେ ଅନ୍ୟମାନଙ୍କ ପ୍ରତି ଆତଙ୍କର କାରଣ ହୋଇଛନ୍ତି । ପରସ୍ପର ମଧ୍ୟରେ ସନ୍ଦେହ, ସତର୍କତା, ଈର୍ଷା, ଦ୍ୱେଷ ଓ ଅସହନଶୀଳତା ପ୍ରତିଦିନ ବଢି ବଢି ଯାଉଛି । ଏହାରି ଯୋଗୁଁ ପୃଥିବୀର ଶକ୍ତି ବିପନ୍ନ ହେଉଛି । ଲୋକମାନେ ଆଶଙ୍କା କରୁଛନ୍ତି - ଯଦି କେବେ ୩ୟ ବିଶ୍ୱଯୁଦ୍ଧ ଘଟେ, ତେବେ ତାହା ହିଁ ହେବ ପୃଥିବୀର ଶେଷ ବିଶ୍ୱଯୁଦ୍ଧ । ବର୍ତ୍ତମାନ ପୃଥିବୀରେ ଯେତେ ପରମାଣୁ ବୋମା ଗଚ୍ଛିତ ଅଛି, ତାହା ପୃଥିବୀକୁ ଥରେ ନୁହେଁ, ଏକ ଶତବାର ଧ୍ୱଂସ କରିପାରିବ । ଋଷ୍, ଆମେରିକା, ଫ୍ରାନ୍‌ସ୍, ବ୍ରିଟେନ୍, ଭାରତ, ପାକିସ୍ତାନ, ଚୀନ୍ ଓ କୋରିଆ ପ୍ରଭୃତି ରାଷ୍ଟ୍ର ଏବେ ପରମାଣୁ ଶକ୍ତିର ଅଧିକାରୀ ।

ଋଷ୍ ଏବଂ ଆମେରିକା ହେଉଛନ୍ତି ପୃଥିବୀର ଦୁଇଟି ବୃହତ୍ ଏବଂ ଶକ୍ତିଶାଳୀ ରାଷ୍ଟ୍ର । ଜ୍ଞାନବିଜ୍ଞାନରେ ଏହି ରାଷ୍ଟ୍ରଦ୍ୱୟ ଶୀର୍ଷ ସ୍ଥାନରେ ଉପନୀତ ହୋଇଛନ୍ତି । ସୋଭିଏତ୍ ଋଷ୍‌ର ବିଭାଜନ ପର୍ଯ୍ୟନ୍ତ ଏହି ଦୁଇଟି ରାଷ୍ଟ୍ର ମଧ୍ୟରେ ଚରମ ଅସହନଶୀଳତା, ଉତ୍କଟ ଶକ୍ତି ପରୀକ୍ଷା ଏବଂ ଶୀତଳ ଯୁଦ୍ଧ ଲାଗି ରହିଥିଲା । ସେହି ରାଜନୀତିର ଶିକାର ହୋଇଥିଲେ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ମଧ୍ୟ । ପରମାଣୁ ଅସ୍ତ୍ରନିରୋଧ ପାଇଁ ଅତୀତରେ ସୋଭିଏତ ଋଷ୍ ଯେତେ ପ୍ରସ୍ତାବ ଦେଇଛି, ଆମେରିକା ସେଥିପ୍ରତି କର୍ଣ୍ଣପାତ କରି ନାହିଁ । ଏପରିକି ପରମାଣୁ କେନ୍ଦ୍ରଗୁଡିକର ଯାଂଚ ପାଇଁ ମଧ୍ୟ ଆମେରିକା ସମ୍ମତ ହୋଇ ନାହିଁ । ପାକିସ୍ତାନ ନିଜର ପ୍ରତିଶ୍ରୁତି ମୁତାବକ ଆମେରିକାରୁ ପ୍ରାପ୍ତ ସାହାଯ୍ୟ ଅନୁଯାୟୀ ପରମାଣୁ ପ୍ରକଳ୍ପକୁ ଶାନ୍ତି ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରୁଛି କି ନାହିଁ ତାହାକୁ ଯାଂଚ କରି ଦେଖିବା ପ୍ରସ୍ତାବକୁ ମଧ୍ୟ ସେ ଦେଶର ରାଷ୍ଟ୍ରପତି ସମର୍ଥନ କରିନାହାନ୍ତି । ସୁତରାଂ ପରମାଣୁ କାର୍ଯ୍ୟକ୍ରମ ବିଶ୍ୱ ରାଜନୀତିର ଘନଘଟା ମଧ୍ୟରେ ହିଁ ଛନ୍ଦି ହୋଇ ରହିଯାଇଛି । ଏହାର ଶାନ୍ତିପୂର୍ଣ୍ଣ ଉପଯୋଗ କେବଳ ଏକ ସୁଦୂର ପ୍ରସାରୀ କଳ୍ପନାରେ ରହିଯାଇଛି ।

ବିଜ୍ଞାନର ଅନିୟନ୍ତ୍ରିତ ବ୍ୟବହାର ବହୁ ସମସ୍ୟା ବା ସଙ୍କଟ ସୃଷ୍ଟି କରିବ । ସେଥିପାଇଁ ବୈଜ୍ଞାନିକ ସାଧନଗୁଡିକ ଉପରେ ରାଷ୍ଟ୍ରୀୟ ନିୟନ୍ତ୍ରଣ ରହିବା ଏକାନ୍ତ ଆବଶ୍ୟକ । ମାତ୍ର ଏଥିରେ ବେଳେବେଳେ ସଙ୍କୀର୍ଣ୍ଣ ରାଜନୀତିକ ଦୃଷ୍ଟିଭଙ୍ଗୀ ହିଁ ମୂଳ ଉଦ୍ଦେଶ୍ୟକୁ ବିଘ୍ନିତ କରିଥାଏ । ରାଷ୍ଟ୍ରୀୟ ନିୟନ୍ତ୍ରଣର ଅର୍ଥ ରାଜନୀତିକ ନିୟନ୍ତ୍ରଣ ନୁହେଁ । ରାଜନୀତିକ ସ୍ୱାର୍ଥ ଉଦ୍ଦେଶ୍ୟରେ ବିଜ୍ଞାନକୁ ବ୍ୟବହାର କରାଗଲେ ତାହାର ଅପବ୍ୟବହାର ହେଲା ବୋଲି ବୁଝିବାକୁ ହେବ ।


*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ : ୯୯୩୭୪୧୨୫୧୫*


# ପ୍ରେମ: ଈଶ୍ୱରଙ୍କର ନୈସର୍ଗିକ, ଚିର ଶାଶ୍ୱତ ଦାନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

**ସ**ତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହି କଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ଗ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।


*ସହ-ପ୍ରତିରକ୍ଷିକ ଓ ବିଭାଗୀୟମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ମୋ : ୯୪୩୭୦୫୧୯୫୭*


## ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୪୪

*"ଗୋବିନ୍ଦଚନ୍ଦ୍ର ଯେ ହରଷେ*
*ବୋଇଲେ ନିସ୍ତରିଲି ନିସ୍ତରିଲି।*
*ତୁମ୍ଭର ପ୍ରସାଦେ ମନପବନକୁ*
*ନେତ୍ରପଥରେ ଦେଖିଲି ॥"*

**ଗୁ**ରୁହାଡ଼ିପା ଅନ୍ତର୍ଦ୍ଧାନ ହେବାପରେ ଗୋବିନ୍ଦ ଏକାକୀ ସାଗରକୂଳରେ ଏଣେ ତେଣେ ଭ୍ରମଣ କଲେ। ଦିବସରେ ସମୁଦ୍ର କୂଳେକୂଳେଥିବା ଜନବସତିରେ ପଦଚାରଣା କରୁଥିଲେ। ମହାମାୟାଙ୍କୁ ସନ୍ତୋଷକରିବା ନିମନ୍ତେ ରାତ୍ରରେ ଘୋରତପସ୍ୟାରେ ବ୍ରତୀ ରହିଲେ। ସମୁଦ୍ରତଟ ଅଞ୍ଚଳରେ ବିଭିନ୍ନ ସଂପ୍ରଦାୟର ଗ୍ରାମ୍ୟ,ନଦୀମୁହାଣ, ପାହାଡ଼ ଜଙ୍ଗଲପଥରେ ପଦଚାଳନା କରୁଥିଲେ। ବିଶେଷଭାବରେ କୈବର୍ତ୍ତ, ଗୌଡ଼ୀୟସଂପ୍ରଦାୟର ଜନବସତି ଗୁଡ଼ିକ ଗଢ଼ିଉଠିଛି। କେତେକ ଗ୍ରାମରେ ଗୌଡ଼ୀୟ ମଠମାନ ରହିଛି। ଦୋଳପୂର୍ଣ୍ଣିମାରେ ଶ୍ରୀରାଧାମାଧବଙ୍କ ଲୀଳାଚରିତ ଗାନ କରାଯାଉଛି। ଗୋବିନ୍ଦ ଭକ୍ତିରେ ଅଧୀର ହୋଇ ସେଇ ମହୋତ୍ସବରେ ଯୋଗଦେଲେ। ଗୌଡ଼ୀୟ ଭାଇମାନଙ୍କଠାରୁ ଅନ୍ନକ୍ଷୀର ମାଗି ଗ୍ରହଣ କରୁଥିଲେ। ଦୋଳଉତ୍ସବ ସମାପ୍ତ ହେବାପରେ ସିନ୍ଧୁତୀରର ପର୍ଯ୍ୟାପ୍ତ ବାଲୁକାଶଯ୍ୟାରେ ବସି ତପସ୍ୟା ଆରମ୍ଭକଲେ। କିଛିଦିବସ କ୍ଷୀର କୋମଳପତ୍ର ଖାଇବଞ୍ଚିଲେ। କାଳକ୍ରମେ ଆଧାର ତ୍ୟାଗ କରିଦେଲେ। ଗୁରୁ କହିଥିବା ସିଦ୍ଧମୂଳ ଚୋବାଇ କ୍ଷୁଧା ନିବାରଣକଲେ। ନିଶ୍ଚଳ ତପସ୍ୟାରେ ପକ୍ଷପରେ ମାସ, ମାସପରେ ବର୍ଷ ବିତିଗଲା। ଗୋବିନ୍ଦ ତ୍ରିଗୁଣିମାୟାର ଉର୍ଦ୍ଧ୍ୱରେ ରହି ଏକଧାରାରେ ମହାମାୟାଙ୍କ ଚରଣରେ ଚିତ୍ତ ଲଗାଇଲେ। ଚକ୍ଷୁରୁ ଅବିରତ ଆନନ୍ଦାଶ୍ରୁ ବହିଚାଲିଥିଲା। ରାତ୍ର କେତେବେଳେ ଆସେ,ଦିବସ କେତେବେଳେ ଯାଏ, ବାହ୍ୟଦୃଶ୍ୟ କିଛି ଗୋଚର ହେଉନଥିଲା। ଏପରି କେତେକାଳ ବିତିଗଲା। ସହସା ଦିନେ ରାଜାଗୋବିନ୍ଦଚନ୍ଦ୍ରଙ୍କର କଷ୍ଟପଦ ସାଧନାର ଅନ୍ତ ଘଟିଲା। ସମୁଦ୍ରର ଅନ୍ତହୀନ ବକ୍ଷରେ ମହାମାୟା ଆବିର୍ଭାବ ହେଲେ। ବୈଶାଖପୂର୍ଣ୍ଣିମାର ଶୀତଳ ଚନ୍ଦ୍ରକିରଣ ସାଗର ଉପରେ ବିଚ୍ଛୁରିତ ହୋଇ ପଡ଼ିଥିଲା। ରାତ୍ରର ତୃତୀୟପ୍ରହର। ଗୋବିନ୍ଦଙ୍କ ଚିତ୍ତବ୍ୟାକୁଳ ହେବାକୁ ଲାଗିଲା। ଶରୀରରେ ଅଜସ୍ର କମ୍ପନ ସୃଷ୍ଟିହେଲା। ହଠାତ୍ ନିଶ୍ଚଳଧ୍ୟାନ ଭଙ୍ଗହେଲା। ଗୋବିନ୍ଦ ଚକ୍ଷୁଖୋଲି ଦେଖିଲେ ସମୁଦ୍ର ଉପରେ ଏକ ଜ୍ୟୋତିର୍ମୟୀରୂପ ଦୃଶ୍ୟମାନ ହେଉଛନ୍ତି ! ଶୁକ୍ଳବସ୍ତ୍ର ପରିଧାନ,ନାନା ଅଳଙ୍କାରରେ ଭୂଷିତ ମହାମାୟାଙ୍କ ରୂପଦେଖି ଗୋବିନ୍ଦ ଯୋଡ଼ହସ୍ତରେ ବାଲୁକାଶଯ୍ୟା ଉପରେ ସାଷ୍ଟାଙ୍ଗେ ପ୍ରଣିପାତ କଲେ।

ଗୋବିନ୍ଦ ବାଲିଶଯ୍ୟାରେ ଅଧିଆପଡ଼ି ମା,ମା, ଡାକଛାଡ଼ିଲେ। ଚକ୍ଷୁରୁ ଧାରଧାର ଅଶ୍ରୁ ବହିପଡ଼ିଲା। ମହାମାୟା ଧୀରକଣ୍ଠରେ କହିଲେ-ଉଠବତ୍ସ, ତୁମର ସାଧନା ଏବେ ପୂର୍ଣ୍ଣହୋଇଛି। ଦୀର୍ଘବର୍ଷ ଧରି ମହାଯୋଗରେ ବ୍ରତୀରହିଛ। ମହାଦେବଙ୍କ ମୁଖରୁ ତୁମ ଦୁଃଖକଥା ଶ୍ରବଣକରି ଶରଣଦେବା ପାଇଁ ଚାଲିଆସିଛି। ନିଅ,ଏଇ କ୍ଷୀରଟିକକ ପିଇ ତପ ଭଙ୍ଗକର। ଏହା ହେଉଛି ଅଜନ୍ମା କାଳୀଗାଈ କ୍ଷୀର। ଏଇ କ୍ଷୀରପାନ କରି ଅମରତ୍ୱ ପ୍ରାପ୍ତହୁଅ ! ଦେବ,ମାନବ, ଦାନବ ସଭିଙ୍କୁ ଅତିକ୍ରମକରି ଅମରପୁରରେ ବାସକରିବ। ତିନିପୁରରେ ସଶରୀରରେ ଭ୍ରମଣ କରିବ। ଏବେ ତୁମେ ଫେରିଯାଅ ସେହିସ୍ଥାନକୁ ଯେଉଁଠାରେ ତୁମ ଗୁରୁ ଅନ୍ତର୍ଦ୍ଧାନ ହୋଇଥିଲେ। ସେଇଠାରେ ଗୁରୁଙ୍କୁ ସାକ୍ଷାତକରି ତାଙ୍କ ତତ୍ତ୍ୱାବଧାନରେ ନିରାକାରନାଥଙ୍କୁ ଦର୍ଶନ ଲାଭକର। ମହାମାୟାଙ୍କ କୃପା ଲାଭକରି ଗୋବିନ୍ଦ କୃତକୃତ୍ୟ ହୋଇପଡ଼ିଲେ। ବାଷ୍ପିଭୂତ କଣ୍ଠରେ କରଯୋଡ଼ି କହିଲେ-ହେ'ମାତା,ଅଜ୍ଞାନ ବାଳୁତପୁତ୍ରକୁ ବରଦାନ ଦେଇ କୃତାର୍ଥେ କରିଦେଲ ମାତା। ତୁମ ପ୍ରସାଦରୁ ଯମଯନ୍ତ୍ରଣାରୁ ନିସ୍ତରିଲି। ଜନ୍ମଜନ୍ମରଦୁଃଖ ଦୂର ହୋଇଗଲା। ମୋତେ କିଛି ଜଣା ନାହିଁ ମାତା। ଗର୍ଭଧାରୀମାତାଙ୍କ କଲ୍ୟାଣ,ଗୁରୁଙ୍କ ନିର୍ଦ୍ଦେଶରେ ତୁମ ଦର୍ଶନପ୍ରାପ୍ତ ହେବା ସମ୍ଭବ ହୋଇଛି। ତୁମକୁ ପାଇବା ନିମନ୍ତେ ଚବିଶବର୍ଷ ଧରି ବଣପାହାଡ଼,ଜନପଦ ଭ୍ରମଣ କରିଛି। ଗୁରୁ ଯାହା ଶିଖାଇଲେ ସେଇ ଦୀକ୍ଷାକୁ ପାଥେୟକରି ଇହଜଗତରେ ମରଣକୁ ଜିଣି ଅମରପଥରେ ଏବେ ଗତିକରିବି ! ହେ'ମାତ,ତୁମ ଦର୍ଶନ,ଅଜନ୍ମା ଗାଈକ୍ଷୀର ସେବନ କରିବା ପରେ ଏବେ ମୋତେ ଅନେକ ବ୍ରହ୍ମାଣ୍ଡ ଦୃଶ୍ୟମାନ ହେଉଛି ! ଅନନ୍ତ ଆକାଶ ବକ୍ଷରେ ମନ ଘୁରିବୁଲୁଛି। ବ୍ରହ୍ମାଣ୍ଡମାନଙ୍କ ମଧ୍ୟରେ ମୋରସତ୍ତା ଏକ ସୂକ୍ଷ୍ମ ଅଣୁପରି ଏଣେତେଣେ ଭାସମାନ ଅବସ୍ଥାରେ ଦୋଳାୟମାନ ହେଉଛି ! ଶରୀରରଭାରା ଉଶ୍ୱାସ ବୋଧହେଉଛି। ପରମାନନ୍ଦତୃପ୍ତିରେ ମୋର ଶରୀରର ପ୍ରତିଟି ଲୋମକୂପ ପୂର୍ଣ୍ଣ ହୋଇପାରିଛି। ମୋର କୋଟିକୋଟି ଦଣ୍ଡପ୍ରଣାମ ଘେନାକର ମାତା।

ଗୋବିନ୍ଦଙ୍କ ନ୍ୟୁନଭାବ ଦେଖି ମହାମାୟା କହିଲେ-ହେ'ପୁତ୍ର,ତୁମେ ଆଜଦିବସରୁ ସଂସାରର ସବୁ ଦୁଃଖଭାରରୁ ମୁକ୍ତହୋଇଛ। ବିଷ୍ଣୁଙ୍କ ମାୟାକୁ ଅତିକ୍ରମକରି ତୁମେ ଅମରତ୍ୱ ପ୍ରାପ୍ତହେଲ। ଏବେ ତୁମକୁ ମନପବନ ମନ୍ତ୍ରଦୀକ୍ଷା ଦେଉଛି। ସେଇ ଶକ୍ତିବଳରେ ତୁମକୁ ଗୁରୁଙ୍କ ନିକଟରେ ପହଞ୍ଚାଇ ଦେବି। ଗୁରୁ ତୁମକୁ ପାଦୁକାମନ୍ତ୍ର ଶିଖାଇଦେବେ। ସେଇ ମନ୍ତ୍ରବଳରେ ତୁମେ ତିନିପୁରରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବ। ଏତକି କହି ମହାମାୟା ଅନ୍ତର୍ଦ୍ଧାନ ହୋଇଗଲେ। ଗୋବିନ୍ଦ ଅଶ୍ରୁନୟନରେ କେତେକାଳ ପର୍ଯ୍ୟନ୍ତ ସିନ୍ଧୁଗର୍ଭକୁ ଚାହିଁ ରହିଥିଲେ। ରାତିପାହି ସକାଳହେଲା। ଗୋବିନ୍ଦ ହୃଦୟରୁ ଗୁରୁଙ୍କୁ ପ୍ରଣାମ ଜଣାଇଲେ। ଜୀବନର ସବୁଯନ୍ତ୍ରଣା ଉଭାଇଗଲା। ଗୁରୁଙ୍କୁ ଦର୍ଶନକରିବା ନିମନ୍ତେ ଚିତ୍ତ ବ୍ୟାକୁଳ ହୋଇପଡ଼ିଲା। ସିନ୍ଧୁତୀରର କେଉଁ ସ୍ଥାନରେ ଗୁରୁ ଛାଡ଼ିଯାଇଥିଲେ,ତାହା ସ୍ମରଣରେ ଆସୁନାହିଁ। ମହାମାୟା ଯେଉଁ ମନ୍ତ୍ରବିଦ୍ୟା ଦେଇଥିଲେ,ସେଇ ମନପବନମନ୍ତ୍ରକୁ ସୁମରିବାକ୍ଷଣି ଗୋବିନ୍ଦ ଆକାଶରେ ଉଡ଼ିବାକୁ ଲାଗିଲେ। ତତ୍‌କ୍ଷଣାତ ଯାଇ ଗୁରୁଙ୍କ ନିକଟରେ ପହଞ୍ଚିଗଲେ। ଯେଉଁ ସ୍ଥାନରେ ଅନ୍ତର୍ଦ୍ଧାନ ହୋଇଥିଲେ ସେଇତଟରେ ପହଞ୍ଚି ଦେଖିଲେ ଗୁରୁହାଡ଼ିପା ପ୍ରତୀକ୍ଷା କରିଛନ୍ତି। ଗୋବିନ୍ଦ ଗୁରୁଙ୍କ ପାଦତଳେପଡ଼ି ସାଷ୍ଟାଙ୍ଗେ ପ୍ରଣିପାତ କଲେ। ଗୁରୁହାଡ଼ିପା ଗୋବିନ୍ଦଙ୍କୁ ଭୂମିରୁ ଟେକିନେଇ କୁଣ୍ଢାଇ ଧରିଲେ। କହିଲେ ବତ୍ସ,ମହାମାୟା ତୁମକୁ ଦର୍ଶନଦେବା କ୍ଷଣି କୈଳାସପୁରୀରୁ ଆସି ଏଇସ୍ଥାନରେ ପ୍ରତୀକ୍ଷା କରିଛି। ଦୀର୍ଘ ଚବିଶବର୍ଷ ପରେ ତୁମେ ସାଧନାରେ ସଫଳ ହୋଇଛ। ଏବେ ତୁମେ ନିରାକାରନାଥଙ୍କୁ ସାକ୍ଷାତଦର୍ଶନ କରିବା ଅଧିକାର ପ୍ରାପ୍ତହେଲ। ଅଞ୍ଜନମନ୍ତ୍ର ବଳରେ ଦେଖ,ତୁମରି ଭଳି ଅନେକ ସାଧକ ନିରାକାରନାଥଙ୍କ ଦର୍ଶାନାର୍ଥେ ସିନ୍ଧୁତଟରେ ବିଚରଣ କରୁଛନ୍ତି ! ତୁମେ ସ୍ୱଳ୍ପକାଳ ମଧ୍ୟରେ ଅମରଶରୀର ଧାରଣକରି ସ୍ୱଦେହରେ ଯେଣେ ଇଚ୍ଛା ତେଣେ ଭ୍ରମଣ କରିପାରିବ।

**ହରି ଓଁ ତତସତ୍ !**


*ଦୂରଭାଷ-୯୬୬୮୬୩୧୨୫୭*

# କେଦାର ଗୌରୀ

ଦେବସ୍ମିତା ବେହେରା



**ପ୍ରେମରେ ସବୁବେଳେ ଜଣେ ଅନ୍ୟ ଜଣଙ୍କର ସହଯୋଗ ଚାହିଁଥାନ୍ତି । କାରଣ ବିଶ୍ୱାସ, ସହଯୋଗ ଆଉ ସର୍ମପଣ ହେଉଛି ପ୍ରେମ ସମ୍ପର୍କର ମୂଳ ଆଧାର । ଯେ ପର୍ଯ୍ୟନ୍ତ ନାରୀ ଓ ପୁରୁଷ ପ୍ରେମିକା ଆଉ ପ୍ରେମୀ ହୋଇ ରହିଥାନ୍ତି..ତାଙ୍କ ଭିତରର ପ୍ରେମର ଗଙ୍ଗା ଅବିରତ କଳ କଳ ହୋଇ ହୋଇ ବହୁଥାଏ । ହେଲେ..ଯେତେବେଳେ ସେମାନେ ପ୍ରେମୀ-ପ୍ରେମିକାରୁ ସ୍ୱାମୀ-ସ୍ତ୍ରୀ ହୁଅନ୍ତି ସେତେବେଳେ ଆସେ ତାଙ୍କ ଜୀବନରେ ବିରାଟ ବଡ ପରିବର୍ତ୍ତନ । କ'ଣ ସେମାନେ ସହଜରେ ସେ ପରିବର୍ତ୍ତନକୁ ଗ୍ରହଣ କରି ନିଅନ୍ତି ନା' ସଂସାର ଜଞ୍ଜାଳରେ ଘାଣ୍ଟି ଚକଟି ହୋଇ ପ୍ରେମକୁ ଭୁଲି ଯାଆନ୍ତି ? ଏମିତି ଘଟଣାକୁ ନେଇ କାହାଣୀ ।**



ଏହି କାହାଣୀର ନାୟକ ନାୟିକା ହେଉଛନ୍ତି କେଦାର ଆଉ ଗୌରୀ । ଦୁହେଁ ପ୍ରଥମେ ଥିଲେ ପ୍ରେମୀ ଓ ପ୍ରେମିକା । ବିବାହ ପରେ ଏବେ ଦୁହେଁ ନୂଆ-ନୂଆ ସ୍ୱାମୀ,ସ୍ତ୍ରୀ ହୋଇ ଘର ସଂସାର କରିଛନ୍ତି । ତେଲ ଲୁଣର ସଂସାର ଭିତରେ ଦଳି ଚକଟି ହୋଇ କଟୁଛି ତାଙ୍କର ବର୍ତ୍ତମାନର ଜୀବନ । ପ୍ରତିଦିନ କିଛି ନା' କିଛି କଥା କଟାକଟି ରାଗ ରୁଷା ଭିତରେ ତାଙ୍କ ଜୀବନ ଧୀରେ ଧୀରେ ଗତିଶୀଳ ହେଉଥିଲା ଆଗକୁ ଆଗକୁ ।

ପୂର୍ବରୁ ଏମିତି ନଥିଲା ଦୁହିଁଙ୍କେ ଜୀବନ । ନୂଆ ନୂଆ ବାହା ହୋଇ ଘର ସଂସାର କଲାବେଳେ ଜୀବନକୁ ଭରପୁର ଉପଭୋଗ କରିବା ପାଇଁ ସହରର ଜନ ବସତିଠୁ ଅଳ୍ପ ଦୂରରେ ନେଇଥିଲେ ଛୋଟ ଘରଟିଏ ରହିବାକୁ କେବଳ ଦୁଇଜଣ । ରୁମ୍ ଗୋଟିଏ । ରୁମ୍ ସାମ୍ନାରେ ବଡ ଅଗଣାଟିଏ । ସେହି ଅଗଣାର ଗୋଟିଏ କୋଣରେ ରୋଷେଇ ଘର,ଦ୍ୱିତୀୟ କୋଣରେ ବାଥରୁମ,ତୃତୀୟ କୋଣରେ ତୁଳସୀ ଚଉରା ଆଉ ଚତୁର୍ଥ କୋଣରେ ଅଳିଆ ପକେଇବା ଡଷ୍ଟବିନ୍ । ଦେଖିବାକୁ ଗଲେ ଘରଟି ବେଶୀ ବଡ ନୁହେଁ ହେଲେ କେଦାର ଆଉ ଗୌରୀ ପାଇଁ ଏହି ଘରଟି ଥିଲା ତାଙ୍କର ସ୍ୱପ୍ନର ଘର ।

ଏହି ଘରର ପ୍ରତିଟି କୋଣ ମହକୁଥିଲା ଗୌରୀର ହାତର ଜାଦୁରେ । ଏକମାତ୍ର ରୁମ୍ ଯାହାକୁ ସେମାନେ ବେଡ୍‌ରୁମ କହୁଥିଲେ..ସେଠି ଥିଲା ଗୋଟିଏ ଚାରି ଫୁଟିଆ ଖଟ,ଦୁଇଟି ଚୌକି,କାନ୍ଥରେ ଗୋଟିଏ ଆଇନା ..ଆଉ ଆବଶ୍ୟକୀୟ ଜିନିଷ ପତ୍ର ଆଉ ଲୁଗା ପଟାରେ ଭର୍ତ୍ତି ହୋଇଥିବା ତିନି ଚାରିଟା ଟିଣ ବାକ୍ସ । ଘରେ ନା' ତ ସେମିତି ବେଶୀ ଜିନିଷ ଥିଲା,ନା' କାମ । ରୋଷେଇ କରିବା ଥିଲା ମାତ୍ର ପନ୍ଦର କୋଡିଏ ମିନିଟ୍‌ର କାମ । ରୋଷେଇରେ ବନେଇବାକୁ ବା କ'ଣ ଥାଏ ? ଚାରିପଟ ରୁଟି ସହିତ ଟିକିଏ ଭଜା ନ ହେଲେ ସନ୍ତୁଳା । ସେଇ ରୁଟିରୁ ଦୁଇପଟ ଖାଏ କେଦାର ଆଉ ଦୁଇପଟ ଖାଏ ଗୌରୀ । ଯଦି କେବେ କେବେ ଅଧିକ ଭୋକ ଲାଗେ ତେବେ ଦୁହେଁ ଗୋଡା ଗୋଡି ହୋଇ ପହଞ୍ଚି ଯାଆନ୍ତି କଫି ବନେଇବା ପାଇଁ ରୋଷେଇ ଘରେ । ତାଙ୍କୁ ଯଦି ସେତେବେଳେ କିଏ ଗୋଡା ଗୋଡି ଅବସ୍ଥାରେ ଦେଖିବ ସେ ନଶ୍ଚେ ଭାବିବ ଯେ ଦୁଇଟି କଲେଜ ପଢୁଆ ଛୁଆ ଗୋଡା ଗୋଡି ଖେଳୁଛନ୍ତି । କେବଳ ଦୁଇ ଜଣଙ୍କର ଏହି ଛୋଟ ସଂସାର ପରିପୂର୍ଣ୍ଣ ଥିଲା ଆବେଗ,ସଂବେଗ ଆଉ ପ୍ରେମରେ ପ୍ଲାବିତ । ଗୌରୀକୁ ଲାଗେ କେଦାର ବିନା ତା' ଜୀବନ ଅଧୁରା ଆଉ କେଦାରକୁ ଲାଗେ ଗୌରୀ ବିନା ତା' ଅସ୍ତିତ୍ୱ ଯେମିତି ଅସମ୍ପୂର୍ଣ୍ଣ ।

ଦୁଇ ଜଣଙ୍କର ଏହି ପରିବାରରେ ଧୀରେ ଧୀରେ ପ୍ରବେଶ ହେଲା କ୍ଷୀର ବାଲା,ପେପେର ବାଲା,ପରିବା ବାଲା,ଚିଠି ବାଲାଙ୍କ ଭଳି କିଛି ଅଚିହ୍ନା ଲୋକଙ୍କର । ଆଉ ତା'ସହ ପ୍ରବେଶ ହେଲା ବିନା ଖବରରେ ଗାଁ ଗଣ୍ଡାରୁ ଆସୁଥିବା ବନ୍ଧୁବାନ୍ଧବଙ୍କର । ଯେହେତୁ ରାଜଧାନୀରେ ଘର ନୋଇଛନ୍ତି..ତେଣୁ ତୀର୍ଥ ପାଇଁ ପୁରୀ ଯିବାକୁ ହେଉଥିବା କଟକ ବଡ ଡାକ୍ତରଖାନା ହେଉ ଲୋକମାନେ ବିନା ସୂଚନାରେ ପ୍ରାୟ ଆସି ପହଞ୍ଚି ଯାଉଥିଲେ କେଦାର, ଗୌରୀଙ୍କର ଘରେ । ଆଉ କ୍ଷଣିକରେ ଘରର ଶାନ୍ତିକୁ ଭାଙ୍ଗି ଦେଉଥିଲେ । ତେଣୁ ଏଭଳି ଅନାଧିକାର ପ୍ରବେଶ ଫଳରେ ଅଶାନ୍ତି ଆରମ୍ଭ ହୋଇଗଲା ତାଙ୍କର ସୁନା ସଂସାରରେ ।

ପ୍ରାୟ ଗାଁରୁ ଦୂର ସମ୍ପର୍କୀୟ ବନ୍ଧୁବାନ୍ଧବ ବିନା ଚିଠିରେ..ବିନା ସୂଚନାରେ ଆସି ପହଞ୍ଚି ଯାଆନ୍ତି ତାଙ୍କ ଘରେ ସେ ପୁଣି ପ୍ରାୟ ଅଧ ରାତିରେ । ଆଉ ତା'ସହିତ ଘରକୁ ଆସେ ଟିଣ ବାକ୍ସ,ଲୁଗାର ଗଣ୍ଠୁଲି । ସେମାନେ ହସି ହସି 'ଜୟ ଜଗନ୍ନାଥ' କହି ଘରେ ପ୍ରବେଶ କରନ୍ତି ଆଉ ଅଜାଡି ପକାନ୍ତି ଆଶୀର୍ବାଦ ଦୁହିଁଙ୍କ ଉପରେ । ସମାନେ ଯେତିକି ଦିନ ରହନ୍ତି ତା' ଭିତରେ ଅସ୍ତବ୍ୟସ୍ତ ହୋଇଯାଏ ଦୁହିଁଙ୍କ ଜୀବନ । ଗୌରୀ ଶାଢୀ ପିନ୍ଧି ମୁଣ୍ଡରେ ଓଢଣା ଦେଇ ଲାଗିପଡେ ସେମାନଙ୍କ ସେବାରେ । ଯଦି କିଛି ଭୂଲ୍ ହୋଇଯିବା ଡରରେ ଗୌରୀ ଟିକେ ଚୁପ୍ ହୋଇଯାଏ ତେବେ ତ କଥା ସରିଲା ଜାଣ । କାରଣ ତା'ପରେ କେଦାରକୁ ହିଁ ଶୁଣିବାକୁ ପଡେ,ବୋଧ ହୁଏ ଆମ ଆଗମନରେ ଖୁସି ନୁହଁ ଗୌରୀ ! ସେତିକି କେବଳ ବିଚାରୀ ଗୌରୀ ବା କ'ଣ କରିବ..? ହସି ହସି ସେ ବାଧ୍ୟ ହୋଇ କହେ ନା..ନା..ଆପଣ ସେମିତି କାହିଁକି ଭାବୁଛନ୍ତି । ବରଂ ଏହାତ ଆମର ସୌଭାଗ୍ୟ ଯେ ଆମକୁ ଆପଣଙ୍କର ଦର୍ଶନ ମିଳିଲା ।

ଏମିତି ଅକାଳେ ସକାଳେ କିଛି କିଛି ଅବାଞ୍ଛିତ ଅତିଥିଙ୍କର ଆଗମନରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିବାକୁ ଲାଗିଲା ତାଙ୍କର ସୁଖ ସମ୍ମୋହନର ସୁନେଲି ସମୟ..। ଯେତେବେଳେ ଘରେ ଅଧିକ ଲୋକ ହୋଇଯାଆନ୍ତି ସେତେବେଳେ ଅଗଣାରେ ଖଟକୁ ପକାଇ ଦିଆଯାଏ ଆଉ ବେଡ୍‌ରୁମ୍ ଭିତରେ ଦରି ପକେଇ ସୋଇ ପଡନ୍ତି ସମସ୍ତେ..! ଏମିତିଆ ଅବାଞ୍ଛିତ ଅତିଥିଙ୍କର ଆଗମନରେ ବିଚଳିତ ହୋଇ ସେମାନେ ତିନି ତିନିଟା ଘର ବଦଳେଇଲେ ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଲାନି । ତେଣୁ ବାଧ୍ୟ ହୋଇ ସେମାନେ ପରିସ୍ଥିତି ସହିତ ଖାପ୍ ଖୁଆଇ ଚଳିବାଟା ଶିଖିଗଲେ ।

ଧୀରେ ଧୀରେ ସମୟ ବିତିବାକୁ ଲାଗିଲା । ସମୟ ସହିତ ତାଳ ଦେଇ ତାଙ୍କ ଜୀବନ ପରିସରକୁ ଆଗମନ ହେଲା ଦୁଇ ନୂଆ ଅତିଥିଙ୍କର । ତାଙ୍କର ଇଛା ବିରୁଦ୍ଧରେ ସମସ୍ତ ସଚେତନତା ସତ୍ତ୍ୱେ ସେମାନେ ଦୁଇରୁ ଚାରି ହୋଇଗଲେ । ଘରେ ନୂଆ ଅତିଥିଙ୍କର ଆଗମନ ବଦଳେଇ ଦେଲା ତାଙ୍କ ଜୀବନକୁ । ଏବେ ଘର ଆଉ ଘର ନ ହୋଇ ପରିଣତ ହୋଇ ସାରିଥିଲା ଗୋଟିଏ ଚିଡିଆଖାନାରେ । ଯେଉଁଠି ଗୋଟିଏ ବି ଜିନିଷ ନଥିଲା ତା' ଠିକଣା ଜାଗାରେ..। ଛୁଆଙ୍କର ବଦମାସୀ ଯୋଗୁଁ ଘରର ଘଣ୍ଟା ଖରାପ ହୋଇଯାଉଥିଲା ବାରମ୍ବାର ଆଉ ଟି.ଭି,ଫ୍ରିଜ୍,ଫ୍ୟାନ୍ କଥା ନ କହିଲେ ଭଲ । ଫ୍ୟାନ୍‌କୁ ବାଡିରେ ଘୁରେଇଲେ ଯାଇ ସେ ବୁଲୁଥିଲା । ପିଲାମାନଙ୍କର ଭଙ୍ଗା ଖେଳଣା,ବହି ସବୁ ଏଣେ ତେଣେ ଖେଳେଇ ହୋଇ ପଡିଥିଲା ଘରେ । ତେଣୁ ରାଗରେ ଦିନେ ଗୌରୀ କ'ଣ କଲାନା ସବୁ ଭଙ୍ଗା ଖେଳଣା ଆଉ ଖରାପ ଘଣ୍ଟାକୁ ଫିଙ୍ଗି ଦେଲା ଅଳିଆରେ । ତା'ପରେ ତ ଛୁଆଙ୍କର ଚାଲିଲା ତାଣ୍ଡବ ଲୀଳା..! ବହୁତ କଷ୍ଟରେ ସେ ଚୁପ୍ କରେଇଲା ସେମାନଙ୍କୁ । ପିଲାମାନେ ଯେତିକି ସମୟ ସ୍କୁଲ୍‌ରେ ରୁହନ୍ତି ସେତିକି ସମୟ ଘରେ ଶାନ୍ତି ଥାଏ । ଆଉ ଯେତେବେଳେ ପିଲାମାନେ ସ୍କୁଲ୍‌ରୁ ଫେରନ୍ତି ସେତେବେଳେ ତାଙ୍କ କଳା ଜୋତା ଧୂଳିରେ ଧଳା ଆଉ ଧଳା ମୌଜାର ରଙ୍ଗ କଳା ହୋଇ ସାରିଥାଏ । ସେମାନଙ୍କ ଧମକ ସହି ସହି ଦିନ ଯାକ ଘରର ସବୁ କାମ କରିବାକୁ ପଡେ ଗୌରୀକୁ । ଏବେ କେଦାର ଆଉ ଆଗଭଳି ଗୌରୀର ପଛେ ପଛେ ବୁଲେନା । ସେ ସବୁଦିନ ଦୁଇପଦ କଥା ହେବା ପାଇଁ ଗୌରୀର ଅପେକ୍ଷା କରେ । କେତେବେଳେ ରାତି ଏଗାର ତ କେତେବେଳେ ରାତି ବାରଟା ବାଜିଯାଏ ପଛେ ଗୌରୀର କାମ ସରେନା । ତେଣୁ ଶେଷରେ ସେ ହତାସ ହୋଇ ଶୋଇପଡେ ଏକୁଟିଆ ଖଟରେ ।

କେଦାର ଆଉ ଗୌରୀର ସଂସାର ତେଲ ଲୁଣ ଭିତରେ ଘାଣ୍ଟି ଚକଟି ହୋଇ ଧକେଇ ଧକେଇ ଆଗେଇବାକୁ ଲାଗିଲା । ଆଉ ତା' ସହିତ ଆଗେଇ ଆସିଲେ ସ୍କିନ ଏଲର୍ଜି, ଅଣ୍ଟା ଆଣ୍ଠୁ ଦରଜ ଭଳି କିଛିଟା ଜିଦିଆ ରୋଗ ଗୌରୀକୁ କୋଳାଗ୍ରତ କରିବାକୁ । ଯେଉଁ ଟିକିଏ ପ୍ରେମର ଲାଇଟ୍ ମିଞ୍ଜି ମିଞ୍ଜି ହୋଇ ଜଳୁଥିଲା ଦୁହିଁଙ୍କ ଭିତରେ ତାକୁ ଏହି ରୋଗମାନେ ଆସି ଲିଭାଇ ଦେଲେ ଅବେଳାରେ । ସବୁଠୁ ଆଶ୍ଚର୍ଯ୍ୟ ବିଷୟ ଥିଲା ଯେ ରୋଗମାନେ ବେଳ କାଳ,ସ୍ଥାନ ପାତ୍ର କିଛି ନ ଦେଖି ଯେତେବେଳେ ଇଚ୍ଛା ସେତେବେଳେ ଆସି ଆକ୍ରମଣ କରୁଥିଲେ ଗୌରୀକୁ । ବିଚାରୀ ଗୌରୀ ଭୀଷଣ କଷ୍ଟକୁ ପାଟି ଚିପି ଚିପି ସହି ନେଉଥିଲା, ଆଉ ଘରକାମ କରୁଥିଲା ଏକୁଟିଆ ।

ଏବେ ଗୌରୀର ବୁଦ୍ଧି ସବୁ ପନୀର ବଟର ମସଲା,ବିରିୟାନୀ,ଚାୟମିନ୍,ମ୍ୟାଗି ଆଉ ରାଇତା ବନେଇବାରେ ସୀମିତ ହୋଇ ଯାଇଥିଲା । ଯଦି ତାକୁ କେବେ ସମୟ ମିଳୁଥିଲା ତେବେ ସେ କେଦାର ସହିତ ବସି ଅତୀତର ମଧୁର ସ୍ମୃତିକୁ ମନେ ପକାଇ ବର୍ତ୍ତମାନର ଜୀବନରେ କିଛି ରଙ୍ଗ ଭରିବାକୁ ଚେଷ୍ଟା କରୁଥିଲା..ହେଲେ ଏଥିରେ ମଧ୍ୟ ସମୟ ଅସମୟରେ ପିଲାମାନେ ଆସି ତା'ର କଳ୍ପନାର କାନ୍‌ଭାସରେ ନିଜ ନିଜର କଥାକୁ ବଖାଣି ଅଙ୍କା ବଙ୍କା ଚିତ୍ର ସବୁ ଆଙ୍କି ଦେଉଥିଲେ ଚୁପ୍‌ଚାପ୍ । ଆଉ ତା'ପରେ କେଦାର ରାଗିଯାଇ ଚାଲିଯାଉଥିଲା ଘରୁ ବାହାରକୁ । ଆଉ ରାଗ ଶାନ୍ତ ହେବା ପରେ ସେ ଯେତେବେଳେ ଅନ୍ତରଙ୍ଗତାର ଡୋରକୁ ଧରି ଗୌରୀ ପାଖକୁ ଯାଉଥିଲା..ସେତେବେଳେ ଗୌରୀ ରୋଷେଇ କରିବାରେ, ପିଲାଙ୍କର ହୋମଓ୍ୱାର୍କ କରେଇବାରେ ବ୍ୟସ୍ତ ରହୁଥିଲା । ଆଉ କହୁଥିଲା, "ଦେଖୁଛତ ନିଜ ଆଖିରେ.. ,ମୋତେ ନିଃଶ୍ୱାସ ଟିକେ ମାରିବାକୁ ବି ସମୟ ନାହିଁ । କ'ଣ କରିବି କୁହ ?"

ଧୀରେ ଧୀରେ କେଦାରକୁ ଲାଗିଲା ସତେ ଯେମିତି ସେ ଏ ଘରେ ଗୋଟିଏ ବନ୍ଦୀ..ଆଉ ତାକୁ ଦେଖା କରିବା ପାଇଁ ଅବା ତା' ସହିତ ଗପିବା ପାଇଁ କାହା ପାଖରେ ଟିକିଏ ବି ଫୁର୍ସତ ନାହିଁ । ଏମିତି ପରିସ୍ଥିତିରେ ଦିନକୁ ଦିନ ଦୁହିଁଙ୍କ ଭିତରେ କଥାବାର୍ତ୍ତା କମିବାକୁ ଲାଗିଲା । ନଦୀର ଦୁଇ ତଟ ଭଳି ଦୁହିଁଙ୍କ ଭିତରେ ବଢିବାକୁ ଲାଗିଲା ଦୂରତା । ଯେଉଁ ନଦୀର ଗୋଟିଏ ପଟେ କେଦାର ଚାହୁଁଥିଲା ଗୌରୀଠୁ ଟିକିଏ ସ୍ନେହ ଆଉ ସାନ୍ନିଧ୍ୟ ଆଉ ଆର ପଟେ ଗୌରୀ ଚାହୁଁଥିଲା କେଦାରର ଆତ୍ମୀୟତା ଆଉ ସହଯୋଗ । ହେଲେ ସଂସାରର ଦାୟିତ୍ୱ ଭିତରେ କେହି ନିଜର ମନକଥାକୁ ବୁଝେଇ ପାରୁ ନଥିଲେ କାହାକୁ । ଧୀରେ ଧୀରେ ଦୂରେଇ ଦୂରେଇ ରହିବାକୁ ଲାଗିଲା ଘରଠୁ । ଆଉ ଯେତେବେଳେ ଘରେ ରହୁଥିଲା, ମନେ ମନେ ଭାବୁଥିଲା..କାଶ୍ କେହି ଅତିଥି ଆସି ପହଞ୍ଚି ଯାଆନ୍ତେ କି..? ଅନ୍ତତଃ ତାଙ୍କ ସହିତ ଚା' ପିଇ ଦୁଇ ପଦ କଥା ହେଲେ ବୋଧେ ଟିକେ ଭଲ ଲାଗନ୍ତା ।

ଦିନ ପରେ ଦିନ ବିତିବାକି ଲାଗିଲା ଜାଣି ଜାଣି ଅଫିସ୍‌ରୁ ଡେରିରେ ଫେରିବାକୁ ଲାଗିଲା କେଦାର ବିନା ଗୌରୀକୁ ଟିକେ ଅଡୁଆ ଲାଗିଲା ହେଲେ..ବହୁତ ସୁବିଧା ହେଲା ତାକୁ । କାରଣ ଠିକ୍ ସମୟରେ ପିଲାମାନଙ୍କର ହୋମଓ୍ୱାର୍କ ସହିତ ରୋଷେଇ ମଧ୍ୟ ସରି ଯାଉଥିଲା । ଦିନେ ସେ କେଦାରକୁ ସେମିତି ପଚାରିଲା, "ଆଛା ! କୁହ ତ..ଗୋଟେ ସ୍ତ୍ରୀ ଲୋକର ଜୀବନ କ'ଣ ଖାଲି ପିଲାମାନଙ୍କ ପଛରେ ଧାଇଁ ଧାଇଁ ଆଉ ରୋଷେଇ ଘରର ଚାରିକାନ୍ଥ ଭିତରେ ଶେଷ ହୋଇଯିବ ?"

ଏମିତିଆ ଅଜବ ପ୍ରଶ୍ନ ଶୁଣି କେଦାର ଟିକିଏ ଚିଡିଯାଇ କହିଲା.. "କ'ଣ ଏବେ ତୁମକୁ ମୋର ଘରେ ରହିବାଟା ବି ପସନ୍ଦ ହୋଉନି..? ଯଦି ମୁଁ ଏତେ ଗନ୍ଧଉଛି ତୁମକୁ ତେବେ ମୋତେ ସିଧା ସିଧା ଖୋଲିକି କହିଦିଅ..ମୁଁ ଏଘର ଛାଡି ଚାଲିଯିବି । ନହେଲେ ମୋତେ କୁହ ମୁଁ କ'ଣ କଲେ ଯାଇ ତୁମକୁ ଶାନ୍ତି ମିଳିବ ?"

କେଦାରର କଥା ଶୁଣି ଗୌରୀ ପଚାରିଲା, "ଆଛା ତୁମେ ଯଦି ଏ ଘର ଛାଡିକି ଚାଲିଯିବ,ତେବେ ମୁଁ ତୁମ ବିନା କରିବି କ'ଣ..?"

"ସେତେବେଳେ ତୁମେ ବହୁତ ଖୁସି ହେବ କାହିଁକିନା..ମୁଁ ଘରକୁ ଆସିବା ମାତ୍ରେ ତୁମକୁ ଆଉ ଦୁଃଖୀ ହେବାର ଅଭିନୟ ତ କରିବାକୁ ପଡିବନି.." ଦୁନିଆ ଆଗରେ ଆଜି ଯାଏଁ ହସି ହସି ଆମେ ସୁଖୀ ହେବାର ଅଭିନୟ ହିଁ ତ କରି ଆସିଛେ । ତା'ଛଡା ତୁମେ ମୋ ସହିତ ଦୁଃଖୀ ହେବାର ଅଭିନୟ କରିବାକୁ ଯୋଗ୍ୟ ନୁହଁ,ରାଗିଯାଇ କହିଲା କେଦାର ।

ଏହା ଶୁଣି ଗୌରୀ ହତବାକ୍ ହୋଇଗଲା କିଛି ସମୟ ପାଇଁ । ସେ କାନ୍ଦିବାକୁ ଲାଗିଲା । ଆଜିକାଲି କାହିଁକି କେଜାଣି ଟିକିଏ ଟିକିଏ କଥାରେ ଦୁହିଁଙ୍କ ଭିତରେ ଆରମ୍ଭ ହୋଇଯାଏ ଖଣ୍ଡଯୁଦ୍ଧ । ଗୌରୀ ଯଦି କିଛି କହିବାକୁ ଚେଷ୍ଟା କରୁଥିଲା ତେବେ ଆହାତ ହେଉଥିଲା କେଦାରର ବ୍ୟଙ୍ଗାତ୍ମକ ଉତ୍ତରରେ । ଫଳରେ ଦୁହିଁଙ୍କ ଭିତରେ ଥିବା ସଂବେଦନା ମରିବାକୁ ଲାଗିଥିଲା ଧୀରେ ଧୀରେ ।

ଗୌରୀ ତା' ବୈବାହିକ ଜୀବନରେ କିଛି ପରିବର୍ତ୍ତନ ଆସିବାର ଲକ୍ଷଣ ନ ଦେଖି ହତୋତ୍ସାହିତ ହେବାକୁ ଲାଗିଲା ଦିନକୁ ଦିନ । ଦିନେ ସେ କେଦାରକୁ କହିଲା, "ମୁଁ ଭାବୁଛି ଏମିତି ପ୍ରତି ମୁହୂ??ର୍ତରେ ଜଳି ଜଳି ମରିବା ଅପେକ୍ଷା ଗୋଟିଏ ଭଲ ସ୍ତ୍ରୀ ଭଳି ମୋର ମୃତ୍ୟୁକୁ ଆଲିଙ୍ଗନ କରିନେବା ଉଚିତ୍ ନା !" ହେଲେ କେଦାର କୌଣସି ପ୍ରତିକ୍ରିୟା ନ ଦେଖାଇ ସେଠାରୁ ଉଠି ଚାଲିଗଲା । ଏହା ଦେଖି ଗୌରୀର ସର୍ବାଙ୍ଗ ଜଳିଗଲା ରାଗରେ..।

ସେ ଦିର୍ଘ ନିଃଶ୍ୱାସ ମାରି କହିଲା, "ଘରେ ନିଆଁ ଲାଗିଗଲେ..ମଣିଷ ସିନା ଦମକଳ ଡାକି ନିଆଁକୁ ଲିଭାଇ ପାରିବ ! ହେଲେ..ଯଦି ମନ ଭିତରେ ନିଆଁ ଲାଗିଥିବ ତେବେ ମଣିଷ କ'ଣ କରିବ..?" ମନ ତଳର ନିଆଁକୁ ଲିଭାଇବା ପାଇଁ ଭଳି ଦମକଳ କାଇଁ ? ତାକୁ ଲାଗିଲା ସତେ ଯେମିତି ସେ ଜଳୁଥିବା କୋଇଲା ଉପରେ ବସିଛି । ଯାହାର ଉତ୍ତାପରେ ତା' ସହିତ ତା'ର ବୈବାହିକ ଜୀବନ ମଧ୍ୟ ଜଳୀ ପୋଡି ପାଉଁଶ ହୋଇଯିବ । ସେ ଭାବିବାକୁ ଲାଗିଲା..,କେଦାର ତ ଆଗରୁ ଏମିତି ରାଗି ନଥିଲା । ତା'ହଲେ..ସେ ଏମିତି କାହିଁକି ହେଲା ? ନା'..ଆଗରୁ ସେ ସେମିତି ଥିଲା ଅଥଚ ଜଣା ପଡୁ ନଥିଲା । ଏମିତି କେତେ କ'ଣ ଭାବି ଆସି ଖଟ ଉପରେ ଗଡି ପଡଲା ଗୌରୀ । ତା'ପରେ ସେ କଳ୍ପନା କରିବାକୁ ଲାଗିଲା,ଯଦି ସେ ମରିଯାଏ..ତେବେ କେମିତି ଥିବ ଏ ଘରର ଅବସ୍ଥା ତା'ବିନା ? ହେଲେ.. ଯେତେବେଳେ ସେ କଳ୍ପନା ରାଜ୍ୟରେ ଏ ବିଷୟରେ ଭାବିଲା ତାକୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । କାରଣ କଳ୍ପନାରେ ତା'ର ଅନୁପସ୍ଥିତିରେ ସେ ଦେଖିବାକୁ ପାଇଲା ଯେ,ତା' ଘର ବହୁତ ଶାନ୍ତ ବାତାବରଣର ଘରଟିଏ ପାଲଟି ଯାଇଛି । ଘରେ ସବୁ କିଛି ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥିଲା । ଦୂର ଦୂର ପର୍ଯ୍ୟନ୍ତ ଶୁଭୁ ନଥିଲା ତା'ର କର୍କଶ ସ୍ୱର,ଯେମିତିକି, "ସିନୁ..କ୍ଷୀର ଝଲଦି ପିଇଦେ ମା,କେଦାର ପ୍ଲିଜ୍ ଟିକିଏ ଟିଭିର ଭଲ୍ୟୁମକୁ କମ୍ କରନା.."ଆଜି କଣ ସ୍କୁଲ୍ ଯିବା ହେବ ନା ନାହିଁ ? .. ଇତ୍ୟାଦି ..ଇତ୍ୟାଦି । ଏହା ଦେଖି ଗୌରୀ ଭାବିଲା,କେଦାର ଭଲ ସ୍ୱାମୀ ନହେଲେ କଣ ହେବ..ତା' ଅନୁପସ୍ଥିତିରେ ଭଲ ବାପା ନିଶ୍ଚୟ ହୋଇ ପାରିବ । ଯଦି ଦୁଇତିନି ଦିନ ସେ ଦାଢୀ ନ କାଟିବ ତେବେ କେମିତି ଦେକାଯିବ..ଯେମିତି ସ୍ତ୍ରୀର ଦାହ ସଂସ୍କାର କରି ଏଇ ସାଙ୍ଗେ ସାଙ୍ଗେ ଫେରିଛି । ତା'ଛଡା ଉଦାସିଆ ଗଜଲ କେଦାରର ବହୁତ ପସନ୍ଦ ଆଉ ପ୍ରାୟତଃ ତା' ସାର୍ଟର ବୋତାମ ଛିଣ୍ଡି ଯାଇଥାଏ ଆଉ ସେ ଖୋଲା ମେଲା ବୁଲୁଥାଏ । ଏମିତି କେତେ କ'ଣ କଳ୍ପନା କରୁ କରୁ ଆଖି ତା'ର ଲାଗିଯାଇଥିଲା ଟିକିଏ ।

ହଠାତ୍ କାହାର ଡାକରେ ଆଖି ଖୋଲି ଦେଖିଲା ବେଳକୁ କେଦାର ସାମ୍ନାରେ ଚାହା କପ୍ ଧରି ଠିଆ ହୋଇଛି । ଗୌରୀ ହଠାତ୍ ଚମକି ପଡି ଚାରି ଆଡକୁ ଦେଖି ଜାଣି ପାରିଲା ଯେ ସେ ତା' ନିଜ ଘରେ ଅଛି ଆଉ ସାମ୍ନାରେ ତା'ର ସ୍ୱାମୀ କେଦାର ଛିଡା ହୋଇଛି ବୋଲି । କେଦାର..ତା'ର ପ୍ରେମିକ, ସ୍ୱାମୀ,ଆଉ ତା'ର ସବୁ କିଛି..,ଦାନ୍ତ ଦେଖେଇ ହସି ହସି ତାକୁ ଚା' କପ୍ ଧରେଇ ଦେଇ କହିଲା,ଚା' ପିଇବାର ଇଛା ହଉଥିଲା ..ସେଥିପାଇଁ ତୁମ ପାଇଁ ବି ବନେଇ ଦେଇଛି । କ୍ଷୀର ଖୋଜିଲି ଯେ..,ହେଲେ ପାଇଲିନି..,ହେଲେ ତୁମେ ଜମାରୁ ଚିନ୍ତା କରନି..,ମୁଁ କ୍ଷୀର ବଦଳରେ ବ୍ଲାକଟିରେ ଚିନି ଆଉ ଲେମ୍ବୁରସ ସହିତ ଆମର ହଜି ଯାଇଥିବା ପ୍ରେମରୁ ଟିକେ ମିସେଇ ଦେଇଛି । ପିଇକି ଦେଖ କେମିତି ଲାଗୁଛି..।


ଯେତେବେଳେ ଦୁହେଁ ଚା' ପିଉଥିଲେ କେଦାର ଗୌରୀକୁ ଟିକେ ନିରିଖେଇ ଚାହିଁଲା । ତା'ପରେ ସେ ଗୌରୀର ହାତକୁ ନିଜ ହାତରେ ଟିକିଏ ଚାପି ଦେଇ କହିଲା, "ଗୌରୀ ମତେ ତୁମେ କ୍ଷମା କରିଦିଅ ।" ଆମ ସଂସାର ବିପର୍ଯ୍ୟୟ ପାଇଁ ମୁଁ କେବଳ ତୁମକୁ ଦାୟୀ କରୁଥିଲି ଆଜି ଯାଏଁ । ହେଲେ ଆଜି ମୁଁ ଯେତେବେଳେ ଏକାନ୍ତରେ ବସି ଭାବିଲି ସେତେବେଳେ ଜାଣିଲି ଯେ,ଏଥିପାଇଁ ସମ ମାତ୍ରାରେ ମୁଁ ମଧ୍ୟ ଦାୟୀ । କାହିଁକିନା ..ମୁଁ ଭୁଲି ଯାଇଥିଲି,ଯେ ଘର ଆଉ ପିଲାଛୁଆଙ୍କ ଜଞ୍ଜାଳରେ ତୁମେ ଘାଣ୍ଟି ଚକଟି ହୋଇଯାଉଛ । ଘରର ଦାୟିତ୍ୱ କେବଳ ତୁମର ନୁହେଁ ମୋର ମଧ୍ୟ ଘରର ଦାୟିତ୍ୱ ନିର୍ବାହରେ ସମାନ ଯୋଗଦାନ ଦେବା କଥା । ତେଣୁ ମୁଁ ମଧ୍ୟ ଆଜିଠୁଁ ଘର କାମରେ ତୁମକୁ ସାହାଯ୍ୟ କରିବି ଆଉ ଆମର ସଂସାରକୁ ପୂର୍ବର ସୁଖୀ ସଂସାର ଭଳି କରିବାକୁ ଚେଷ୍ଟା କରିବି ।

*୨୧୭,ୟୁନିଟ-୯(ଫ୍ଲାଟ୍)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ମୋ : ୯୯୩୮୩୯୫୫୩୭*

# ବିପ୍ଳବର ମହାକାବ୍ୟ



ବିନୟ ଭୂଷଣ ପାଣିଗ୍ରାହୀ



**ସା**ଜିବି ମୁଁ ବିପ୍ଳବର ଏକକୋଷି ବୀଜ,
ଅଙ୍କୁରିତ ହେଇଯିବି ସ୍ୱଇଚ୍ଛାରେ
ମେରୁରେ, ମରୁରେ, ମହାନଗରୀରେ,
ବିଶ୍ୱର କୋଣ ଅନୁକୋଣେ,
ଜଙ୍ଗଲଠୁଁ ଜନପଥ, ସଚରାଚର ।
ଲେଖିଦେବି ବିଦ୍ରୋହର ମହାକାବ୍ୟ
ବିପ୍ଳବର ଲୋହିତ ଶିଖାରେ ।

ବୀଜପତ୍ର ମେଲିବା ମାତ୍ରକେ
ଢାଙ୍କିଦେବି ଦ୍ୱିଗୋଲାର୍ଦ୍ଧ ଆକାଶକୁ
ବୀଜପତ୍ରେ ଭରିଥିବା ଅଗ୍ନିର ସ୍ଫୁଲିଙ୍ଗେ,
ଆଚ୍ଛାଦିତ କରିଦେବି ନଭର ନିଳୀମା
ନବ ନଭ ଭରିଦେବି ରକ୍ତିମ ଆଭାରେ ।
ଲେଖିଦେବି ବିଦ୍ରୋହର ମହାକାବ୍ୟ
ସ୍ୱଦେହ ଶୋଣିତେ ସାରା ଆକାଶରେ ।

ବର୍ଷିବି ମୁଁ ବିନାଶର ଦାବାନଳ,
ବୋହିଯିବି ତପ୍ତ ଲାଭା ହେଇ
ନଦୀ, ନାଳ, ସାଗର ଓ ମହାସାଗରରେ,
ଜଳିବି ମୁଁ ଶତସୂର୍ଯ୍ୟ ସୌର୍ଯ୍ୟନେଇ
ସ୍ୱରଚିତ ଆକାଶର ସବୁ ଇଲାକାରେ ।
ଲେଖିଦେବି ବିଦ୍ରୋହର ମହାକାବ୍ୟ
ପୃଥିବୀର ମାଟି, ପାଣି, ପବନରେ
ବିନାଶ କରିବା ପାଇଁ କ୍ଷୁଧା, ତୃଷ୍ଣା,
ଅନ୍ୟାୟ, ଉତ୍ପୀଡନ, ଶୋଷଣ, କଷଣ,
ପରିପ୍ଳୁତ କରିବାକୁ ବିଶ୍ୱ ମାନସକୁ
ସ୍ନେହ, ପ୍ରେମ, ସୁଖ ଓ ଶାନ୍ତିରେ ।

*ହରସିଂହ ପୁର, ପୀରହାଟ ବଜାର*
*ଭଦ୍ରକ, ଓଡ଼ିଶା*
*ମୋ : ୯୪୩୮୬୭୦୧୨୦*


# ବାଲିଘର

ପ୍ରଜ୍ଞା ପାରମିତା ପଣ୍ଡା






**କେ**ବେନା କେବେ
ଅମୁହାଁ ମନ୍ଦିରର
ଅପାଣିଆ ଦେବତା ପରି
ଅଣ୍ଡାଳି ବସିବ ମୋ
ଆଗମନର ପଥ
ପୁଣି ଥରେ ଢାଳିଦେବ
କଥାର ଦୁଆତ
ଆଉ ଉଖାରି ବସିବ
ତାଜା ଥିବା ପୁରାତନ କ୍ଷତ
ଉପଶମର ଆଳରେ
ପ୍ରଲେପି ଚାଲିବ
କଥାର ବିଶଲ୍ୟ କରଣୀ
ମୁଁ ବି ସାଜିଯିବି
ଅନ୍ଧ ମୁକ ଓ ବଧିର
ଆପେ ଆପେ ନିଷ୍କ୍ରିୟତାକୁ
ଆଦରି ନେବ ମୋ ହୃଦୟର ତନ୍ତ୍ରୀ
କ୍ଷଣ କ୍ଷଣ ଆଉ ମୁହୂର୍ତ୍ତ ମୁହୂର୍ତ୍ତ ଧରି
ଘୋଷାଡି ଆସୁଥିବେ ସ୍ମୃତିର ଅସହ୍ୟ ଦିନ
ମାଗି ବସିବେ ସମ୍ପର୍କର ପରିଚୟ
ଜାଣିଛି ମୁଁ
ସୁନା ପଞ୍ଜୁରୀରେ ଆବଦ୍ଧ ଜୀବନ
ମୁକ୍ତାକାଶର ସ୍ୱପ୍ନରେ ବଞ୍ଚେ ସିନା



ତୁମ ମିଥ୍ୟା ସଂଭାଷଣରେ
ହେଇ ଯାଏ ଆନମନା
ମିଥ୍ୟାରେ ହେଉ ପଛେ
ମନ ଭରି ବଞ୍ଚିଯାଏ
ମୁହୂର୍ତ୍ତକ ପାଇଁ
ହେଲେ ତୁମେ କୁହ
ସ୍ୱପ୍ନରେ ନହଜି ବାସ୍ତବରେ ବଞ୍ଚ
ପାଗଳାମି ଛାଡି ପକ୍ୱତାକୁ ସଞ୍ଚ
ତଥାପି ମୁଁ ହୁଏ ବେପାରୁଆ
ଖୋଜିଚାଲେ ତୁମ ସ୍ନେହର ପରସ
ମମତାରେ ଭରା ନିଃସ୍ୱାର୍ଥର ହସ
ପୁଣି ଇଚ୍ଛା ହୁଏ ଖୋଜିବାକୁ
ତୁମ ସହ ମିଛି ମିଛିକା
ବୋହୁ ଚୋରିର ଖେଳ
ଗଢ଼ିବାକୁ
ଓଦା ବାଲିରେ ଘର
ତୋଳିବାକୁ ସୁଖର ସଂସାର... ।

*ମାହାଙ୍ଗା, ସାଲେପୁର*






**ଅଦିତି ଦାସ**
ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ -୨,
ସତ୍ୟଭାମାପୁର,
ଭୁବନେଶ୍ୱର





**ସୋନାଲ ସାହୁ**
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ,
ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ

# ଛତୁଆ ହଡ଼ପ: ଭିଜିଲାନ୍ସ ତଦନ୍ତ ଦାବି

**ଖୋର୍ଦ୍ଧା :** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରତ୍ୟେକ ଗର୍ଭବର୍ତ୍ତୀ ପ୍ରସୁତି ଓ ଛୋଟପିଲାମାନଙ୍କୁ ଅଙ୍ଗନୱାଡ଼ି ମାଧ୍ୟମରେ ସୁକ୍ଷମ ଖାଦ୍ୟ ଯୋଗାଇ ଦିଆଯାଉଛି । ସେଗୁଡ଼ିକ ହେଲା ଛତୁଆ, ସୁଜି, ମକାଗୁଣ୍ଡ ଓ ହାଲୁଆ ଖୋର୍ଦ୍ଧା ବ୍ଲକ୍ ଅଧିନସ୍ଥ ୨୨ ଗୋଟି ଗ୍ରାମପଞ୍ଚାୟତରେ ୧୯୫ଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବା ବେଳେ ସେଥିମଧ୍ୟରୁ ୩ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ଠିକ୍ ସେହିପରି ଭାବରେ ଖୋର୍ଦ୍ଧା ପୌରପରିଷଦର ୨୨ଗୋଟି ୱାର୍ଡ଼ ମଧ୍ୟରେ ୫୦ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଅଛି । ଏହି ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକୁ ଛତୁଆ ଯୋଗାଇବା ନିମନ୍ତେ ୩ଗୋଟି ସ୍ୱୟଂସହାୟକ ଗୋଷ୍ଠୀ ଦାୟିତ୍ୱ ଦିଆଯାଇଛି । ସେଗୁଡ଼ିକ ହେଲା କେରଙ୍ଗର କଲ୍ୟାଣ ସ୍ୱୟଂସହାୟକ ଗୋଷ୍ଠୀ, ଦିବ୍ୟସିଂହପ୍ରସାଦର ବାବା କପିଳେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀ ଏବଂ କୁରୁମପଡ଼ାର ମା'ଭୈରବୀ ସ୍ୱୟଂସହାୟକ ଗୋଷ୍ଠୀ ଗୁଡ଼ିକ ସିଡ଼ିପିଓଙ୍କ ନିର୍ଦ୍ଦେଶ ମୁତାବକ ଆବଶ୍ୟକୀୟ ଅନୁଯାୟୀ ଛତୁଆ ଯୋଗାଇଥାନ୍ତି । କିନ୍ତୁ ବିଶେଷ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଗତ ଜାନୁୟାରୀ ମାସର ଛତୁଆ ସିଡ଼ିପିଓଙ୍କ ଅଧିନରେ ଥିବା ୨୪୫ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ଦିଆ ନଯାଇ ସେ ବାବଦକୁ ଅର୍ଥକୁ ହଡ଼ପ କରାଯିବା ନିମନ୍ତେ ମସୁଧା ଚଳାଇଥିବା ଜଣାପଡ଼ିଛି । ଜାନୁୟାରୀ ମାସର ଛତୁଆ ଅନଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକୁ ଯୋଗାଇ ଦିଆ ନଯାଇ ଫେବୃୟାରୀ ମାସର ଛତୁଆ ଏବେ ବଣ୍ଟା ଯାଉଛି । ଏ ସମ୍ପର୍କରେ କେତେକ ଗଣମାଧ୍ୟମର ପ୍ରତିନିଧିମାନେ ଖୋର୍ଦ୍ଧା ସିଡ଼ିପିଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ମହାଶୟା କହିଥିଲେ ଯେ, ସେ ବିଷୟରେ ମୁଁ କିଛି ଜାଣି ନାହିଁ ଜାନୁୟାରୀ ମାସରୁ ଛତୁଆ ଦିଆଯାଇଛି କି ନାହିଁ ସେ ସମ୍ପର୍କରେ ସାମନ୍ତବାବୁ କହିପାରିବେ ବୋଲି ପ୍ରକାଶ କରିଥିଲେ । ଏ ସମ୍ପର୍କରେ ସିଡ଼ିପିଓ ଖୋରଧାଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ପରିସଂଖ୍ୟାନ ସହାୟକ ଏବଂ ଦାମୀ କାର ଚଢ଼ି ନିଜ କାର୍ଯ୍ୟାଳୟକୁ ଆସୁଥିବା ସାମନ୍ତବାବୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଭୁଆଁ ବୁଲାଇଥିଲେ । ଏ ସମସ୍ତ ବିଷୟ ଗୁଡ଼ିକ ସମ୍ବନ୍ଧରେ ଟେଲିଫୋନ ମାଧ୍ୟମରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବାରୁ ମୁଁ ସେ ବିଷୟରେ ବୁଝି କହିବି ବୋଲି କହି କୌଣସି ଉତ୍ତର ଦେଇ ନଥିଲେ । ପୁନର୍ବାର ଏହି ବିଷୟରେ ସିଡ଼ିପିଓ ମହାଶୟାଙ୍କ ମତାମତ ଜାଣିବାକୁ ଚାହିଁବାରୁ ସେ ମହାଶୟା ଏ ପତ୍ର ଆମକୁ ଦେଖାଇଥିଲେ ଯାହାର ସଂଖ୍ୟା ହେଉଛି ୩୬/୨, ତା.୦୬.୧୨.୨୦୧୮ ଯେଉଁ ପତ୍ରଟି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସିଡ଼ିପିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଜିଲ୍ଲାରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ଦିଆଯାଉଥିବା ଛତୁଆ ପ୍ରତି ମାସର ୨୧ ରୁ ୩୦ ତାରିଖ ପରିବର୍ତ୍ତେ ୧ ରୁ ୫ ତାରିଖ ମଧ୍ୟରେ ଦିଆଯିବ ଏବଂ କୌଣସି ପରିସ୍ଥିତିରେ ଏହି ତାରିଖରେ ପରିବର୍ତ୍ତନ କିମ୍ବା ବ୍ୟତିକ୍ରମ ହେବ ନାହିଁ । କିନ୍ତୁ ଏହି ପତ୍ରଟିର ଭୁଲ ବ୍ୟାଖ୍ୟା କରଣ କରାଯାଇ ଖୋର୍ଦ୍ଧା ବ୍ଲକ୍ ଓ ପୌରପରିଷଦରେ ଥିବା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରଙ୍କୁ ଛତୁଆ ଯୋଗାଣ ବନ୍ଦ କରି ଦିଆଯାଇଛି । ଏ ସମ୍ପର୍କରେ ଗଣ ମାଧ୍ୟମର ପ୍ରତିନିଧିମାନେ ଖୋର୍ଦ୍ଧା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କୌଣସି ବି ପରିସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଖାଦ୍ୟ ଛତୁଆ ଯୋଗାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇ ନାହିଁ ତାଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୩୬/୨, ତା.୦୬.୧୨.୨୦୧୮ ଜିଲ୍ଲାର ସମସ୍ତ ସିଡ଼ିପିଓ ମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ନାମାର ଭୁଲ ବ୍ୟାଖ୍ୟା କରଣ କରାଯାଇଛି ବୋଲି ପ୍ରକାଶ କରିବା ସହିତ ଏ ସମ୍ପର୍କରେ ଅଭିଯୋଗ ହେଲେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଛତୁଆ ଯୋଗାଣ ବାବଦକୁ ୨୦୧୮ ନଭେମ୍ବର ମାସରେ କେରଙ୍ଗର କଲ୍ୟାଣୀ ସ୍ୱୟଂସହାୟକ ଗୋଷ୍ଠୀ ଟ.୩,୯୬,୯୩୯/- ଦିବ୍ୟସିଂହ ପ୍ରସାଦର ବାବା କପିଳେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀ ଟ.୪,୬୪,୧୧୨/-ଙ୍କା କୁରୁମପଡ଼ା ମା' ଭୈରବୀ ସ୍ୱୟଂସହାୟକ ଗୋଷ୍ଠୀ ଟ.୩,୮୧,୧୨୯/-ଙ୍କା ନେଇଛନ୍ତି । ଠିକ୍ ସେହିପରି ଭାବରେ ଛତୁଆର ଗୁଣବତ୍ତା ଏବଂ ମାପ ଓଜନରେ ବ୍ୟାପକ ହେରଫେର ହେଉଥିବା ଅଭିଯୋଗ ମଧ୍ୟ ହେଉଛି । କେତେକ ଛତୁଆ ଖାଇବା ଉପଯୋଗୀ ହେଉ ନାହିଁ । ଏ ସମସ୍ତ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ ଜାଣି ନ ଜାଣିଲା ପରି ଅଭିନୟ କରୁଛନ୍ତି । ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସି ପାରିବ ବୋଲି ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେପି ଉଠୁଛି ...

ଉପରେ ତେବେ ରବୀନ୍ଦ୍ର କୁହନ୍ତି ଯେ, ସେ ତାଙ୍କ କାର୍ଯ୍ୟକାଳ ଭିତରେ ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯଥା ପାଞ୍ଚଟି ରେଲୱେ ଓଭରବ୍ରିଜ୍, ରିଂ ରୋଡ, ଉତ୍ତର ଓଡ଼ିଶାର ଜୀବନଧାରା ସୁବର୍ଣ୍ଣରେଖା ଯୋଜନା, ସୁବର୍ଣ୍ଣରେଖା ସଂସ୍କାର ଯୋଜନା ପାଇଁ ଗତ କେନ୍ଦ୍ର ସରକାରଙ୍କ ଅସହଯୋଗ ତଥା ୧୯୬୫ ମସିହା ପାଖରୁ ବନ୍ଦ ପଡିଥିବା ଯୋଜନାକୁ ରାଜ୍ୟ ସରକାରଙ୍କ ନିଜସ୍ୱ ୧୩୦ କୋଟି ଟଙ୍କା ପାଣ୍ଠି ଆଣି କାର୍ଯ୍ୟ ଆରମ୍ଭ କରିଛନ୍ତି । ଯାହାଦ୍ୱାରା ବସ୍ତା, ବାଲିଆପାଳ, ଭୋଗରାଇରେ ଜଳସେଚନ ତଥା ବନ୍ୟା ଦାଉରୁ ରକ୍ଷା ମିଳିପାରିବ । ପେଜଗଳା ସେତୁ, ବହୁତ ରାସ୍ତା, ଜଳସେଚନ ପାଇଁ ବାଙ୍ଗିତିରା ଯୋଜନା, ନୀଳଗିରି ଅଞ୍ଚଳରେ ବୃହତ ପାନୀୟ ଜଳ ଯୋଜନା କାର୍ଯ୍ୟ ଆଗେଇ ଚାଲିଛି । ସାଂସଦ ହିସାବରେ ସେ ଜଳେଶ୍ୱରର କାଳିକ ଏବଂ ରେମୁଣାର ଶ୍ରୀଜଙ୍ଗ ଗ୍ରାମକୁ 'ପୋଷ୍ୟ ଗ୍ରାମ୍ୟ' ହିସାବରେ ନେଇ ଗାଁରେ ରାସ୍ତାଘାଟ ଓ ପୁଷ୍କରିଣୀର ଉନ୍ନତି କରିଛନ୍ତି । ଆଉ କିଛି ବାକି ଅଛି, କିନ୍ତୁ ନୂଆକରି ନେତା ହୋଇଥିବା ସାଂସଦ ରବୀନ୍ଦ୍ର ସବୁବେଳେ ଲାଗି ରହିଛନ୍ତି ବାଲେଶ୍ୱରର ସର୍ବାଙ୍ଗୀନ ଉନ୍ନତି ପାଇଁ । ସେ ଦୁଇଥର ଶ୍ରେଷ୍ଠ ସାଂସଦ ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କର ସଂସଦରେ ଉପସ୍ଥାନ ୯୭% । ୨୭୧ଟି ଆଲୋଚନାରେ ଭାଗ ନେଇ ସେ ୪୪୮ଟି ପ୍ରଶ୍ନ ପଚାରିଛନ୍ତି । ଯାହା କେବେ ବାଲେଶ୍ୱରରୁ ସାଂସଦ ପ୍ରାର୍ଥୀ ପଚାରି ନଥିବେ । ୧୭ କୋଟି ସାଂସଦ ପାଣ୍ଠିରୁ ସେ ୧୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ଏ ଦୃଷ୍ଟିରୁ ବିଜେଡି ଏଠାରେ ଆଗରେ ରହିଛି । ଆଗାମୀ ଦିନରେ କିଏ ପ୍ରାର୍ଥୀ ହେବେ ଯଦି ଆଲୋଚନା କରିବା ତେବେ ଏଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ହିସାବରେ ଜିଲ୍ଲା ବିଜେଡି ସଭାପତି ତଥା ବର୍ତ୍ତମାନର ସାଂସଦ ରବୀନ୍ଦ୍ରଙ୍କୁ ଟିକଟ ଦେବେ । ତାଙ୍କ ପଛକୁ ଅଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବୋହୂ ବର୍ଷାସୋନୀ ମାମଲାରେ ପଡି ଜେଲ୍ ଯାଇଥିବା ବିଜେଡିର ବର୍ତ୍ତମାନର ଉପସଭାପତି ରଘୁନାଥ ମହାନ୍ତି । ରଘୁଙ୍କ ନାମ ଚର୍ଚ୍ଚା ହେଉଥିଲେ ମଧ୍ୟ ସେ କେବେ ପାର୍ଟି ଖୋଲି କହିନାହାନ୍ତି କିମ୍ବା ବାଲେଶ୍ୱର ସହରରେ ପଶି କୌଣସି ଦଳୀୟ ସଭା କରିନାହାନ୍ତି । ଆହୁରି ମଧ୍ୟ ଶୁଣିବାକୁ ମିଳୁଛି ଯେ, ରବୀନ୍ଦ୍ର ଜେନା ଏଥର ବିଧାୟକ ହେବା ପାଇଁ ଯଦି ଏମିତି ହୁଏ ତେବେ ସଦର ବିଜେଡି ବିଧାୟକ ଜୀବନ ପ୍ରଦୀପ ଦାସଙ୍କୁ ବିଧାୟକ ଟିକଟ ନ ଦେଇ ସିଧା ସାଂସଦ ଟିକଟ ଦିଆଯିବ । ଆଉଗୋଟେ କଥା ମଧ୍ୟ ଉଠୁଛି ଯେ, ଯଦି ନବୀନ ମହିଳା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେଇ ଟିକଟ ଦେବେ ତେବେ ବିଜେପି ଏଠାରୁ କୌଣସି ମହିଳାଙ୍କୁ ପ୍ରାର୍ଥୀ କରିବ । ତେବେ ଏଠାରୁ ବିଜେଡି ମଧ୍ୟ ସାଂସଦଙ୍କ ଧର୍ମପତ୍ନୀ ତଥା ସମାଜସେବୀ ସୁବାସିନୀ ଜେନାଙ୍କୁ ଟିକଟ ଦେଇପାରେ । ଗତଥର ହାରିଥିବା କଂଗ୍ରେସର କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କଂଗ୍ରେସରୁ ଏକ ଘରିକିଆ ହୋଇ ଶେଷରେ ନିଲମ୍ବିତ ହୋଇଛନ୍ତି । ତେଣୁ ଏଠାରେ କଂଗ୍ରେସରୁ ସେମିତି କେହି ଟାଣୁଆ ନେତା ନାହାନ୍ତି । ଶୁଣିବାକୁ ମିଳୁଛି ଯେ, ପିସିସି ମୁଖିଆ ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକଙ୍କୁ ଟିକଟ ମିଳିବ । ତେବେ ତାଙ୍କ ନାଁ ଖଣି ଘୋଟାଲାରେ ଆସିବା ପରେ ସିଏ ବି ସନ୍ଦେହ ଘେରରେ ରହିଛନ୍ତି । କଂଗ୍ରେସ ଶେଷ ସମୟରେ ବାହାରୁ ପ୍ରାର୍ଥୀ ଆଣି ଏଠାରେ ମଧ୍ୟ ଥଇଥାନ କରିପାରେ । ବିଜେପିର ମଧ୍ୟ କିଛି ସେମିତି ଥୟ ହୋଇନାହିଁ । ଗତଥର ସାଂସଦ ପ୍ରାର୍ଥୀ ଭାବେ ଲଢ଼ି ହାରି ଯାଇଥିବା ପ୍ରତାପ ଷଡଙ୍ଗୀ ଏଥର ବିଧାୟକ ହୋଇ ମୁଖ୍ୟମନ୍ତ୍ରୀ ହେବାକୁ ମନ ରଖିଛନ୍ତି । ତଥାପି ଦଳ ଯାହାକୁ ପ୍ରାର୍ଥୀ କରିବ ସେ ତାହା ମାନିବେ ବୋଲି କହିଛନ୍ତି । ଯଦି ବିଜେଡି ମହିଳାଙ୍କୁ ସାଂସଦ ଟିକଟ ଦିଏ ତେବେ ବିଜେପି ଏଠାରୁ ଦଳର ରାଜ୍ୟ ସାଧାରଣ ସମ୍ପାଦିକା ନୀଳଗିରିର ବୋହୂ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ପ୍ରାର୍ଥୀ କରିପାରେ । ଯଦି ଶେଷ ମୁହୂର୍ତ୍ତରେ ପ୍ରତାପ ସାଂସଦ ପ୍ରାର୍ଥୀ ପାଇଁ ରାଜି ନ ହୁଅନ୍ତି ତେବେ ତାଙ୍କୁ ସିମୁଳିଆରୁ ଲଢ଼ିବାକୁ ପଡିପାରେ । ବାଲେଶ୍ୱର ଜିଲ୍ଲା କଂଗ୍ରେସର ପୂର୍ବତନ ମନ୍ତ୍ରୀ ତଥା ନୂଆକରି ବିଜେପିରେ ମିଶିଥିବା ସିମୁଳିଆରୁ ବିଜେପିର ଆଶାୟୀ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କୁ ମଧ୍ୟ ଲୋକସଭା ପ୍ରାର୍ଥୀ କରିପାରେ । କାରଣ ମାନଦଣ୍ଡ ଅଭିଜ୍ଞତା ହୋଇପାରେ । ସେ ଦୀର୍ଘବର୍ଷ ହେବ ବାଲେଶ୍ୱରର କୋଣ ଅନୁକୋଣ ରାଜନୀତି ବିଷୟରେ ଜାଣିଛନ୍ତି । ରାଜନୀତି ତଥା ଆର୍ଥିକ ଦୃଷ୍ଟିକୋଣରୁ ସମର୍ଥ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଲ୍ଲାର ସମସ୍ତ ବଡ ବଡ ସଭାକୁ ତାଙ୍କୁ ଡାକୁଛନ୍ତି ଏବଂ ଏକ ବରିଷ୍ଠ ରାଜନେତା ହିସାବରେ ସମ୍ମାନ ଦେବା ସଙ୍ଗେ ସଙ୍ଗେ ସଭା ମଞ୍ଚରେ ପାଖରେ ବସାଇ ଭାଷଣ ମାଧ୍ୟମରେ ବହୁ ପ୍ରଶଂସା ମଧ୍ୟ କରୁଛନ୍ତି । ଯଦି ପଦ୍ମଲୋଚନ ରାଜି ହୁଅନ୍ତି ତେବେ ବିଜେପିର କଣ୍ଟା ସାଜିଥିବା ସିମୁଳିଆର ଶଶୀକୁମାର ସାହୁ ଏବଂ ନୀଳଗିରିର ସନ୍ତୋଷ ଖଟୁଆଙ୍କୁ ବିଜେପି ମନାଇ ପାରିବ ଏବଂ ନୀଳଗିରିରୁ ଲେଖାଶ୍ରୀଙ୍କୁ ପ୍ରାର୍ଥୀ କରି ନିର୍ବାଚନ ବୈତରଣୀ ପାର ହୋଇଯିବ । ସେପଟେ ଉତ୍କଳ ଭାରତ ସଭାପତି ମଧ୍ୟ ସ୍ୱଚ୍ଛତା, ସାଧୁତା ଏବଂ ସୁଦକ୍ଷତାର ଦ୍ୱାହି ଦେଇ ଘୁରି ବୁଲୁଥିବା ଗତ ତିନିଥରର ସାଂସଦ ଐର ଖାରବେଳ ସ୍ୱାଇଁ ମଧ୍ୟ ପ୍ରାର୍ଥୀ ହେବେ ବୋଲି ଶୁଣିବାକୁ ମିଳୁଛି । ଏଣୁ ବର୍ତ୍ତମାନ ରାଜନୀତିରେ ଘଡିକେ ଘୋଡା ଛୁଟୁଛି । ଏପରି ହେଲେ 'ଦିଲ୍ଲୀ ବାଲେଶ୍ୱରକୁ ଆସିବ' ନାରା ଦେଇ ନିର୍ବାଚନ ଜିତିଥିବା ଓଡ଼ିଶାର ରାଜନୀତିର ଚାଣକ୍ୟ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରାର୍ଥୀ ହୋଇପାରନ୍ତି । ଏପରି ହେଲେ ଏଠାରେ ଚଉମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ।

### ଦେଶ ଚାହେଁ ...

ଶନିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏଥିନେଇ ପ୍ରସ୍ତାବ ଗୃହୀତ ହୋଇଛି । ସରକାରଙ୍କ ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ ସବୁ ପ୍ରମୁଖ ରାଜନୈତିକ ଦଳର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । ପୁଲୱାମା ଆତଙ୍କୀ ହମ୍ଲାକୁ ନିନ୍ଦା ଓ ସୁରକ୍ଷା ବାହିନୀକୁ ଦୃଢ଼ ସମର୍ଥନ ଜଣାଇ ପ୍ରସ୍ତାବ ଗୃହୀତ ହୋଇଛି । ଏଥିସହ ପାକିସ୍ତାନ ନାମ ଉଲ୍ଲେଖ ନ କରି ସୀମା ପାର ଆତଙ୍କବାଦକୁ ମଧ୍ୟ ନିନ୍ଦା କରି ପ୍ରସ୍ତାବ ଗ୍ରହଣ କରାଯାଇଛି । ଏହି ବୈଠକରେ ଶ୍ରୀ ସିଂହ ଅଧକ୍ଷତା କରିଥିଲେ । ଏଥିରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍, ଆନନ୍ଦ ଶର୍ମା ଓ ଜ୍ୟୋତିରାଦିତ୍ୟ ସିନ୍ଧିଆ, ଟିଏମ୍‌ସି ନେତା ସୁଦୀପ୍ ବନ୍ଦୋପାଧ୍ୟାୟ, ଟିଆର୍‌ଏସ୍‌ର ଜିତେନ୍ଦ୍ର ରେଡ୍ଡି, ନ୍ୟାସ୍‌ନାଲ୍ କନ୍‌ଫରେନ୍ସ ନେତା ଫାରୁକ୍ ଅବ୍‌ଦୁଲ୍ଲା, ଏଲ୍‌ଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ଯୋଗ ଦେଇଥିଲେ । ଏହାଛଡ଼ା ନରେଶ ଗୁଜରାଲ (ଅକାଳୀ ଦଳ), ସଞ୍ଜୟ ସିଂହ (ଆପ୍), ଉପେନ୍ଦ୍ର କୁଶୱାହା (ଆର୍‌ଏଲ୍‌ଏସ୍‌ପି), ଜୟପ୍ରକାଶ ନାରାୟଣ ଯାଦବ (ଆର୍‌ଜେଡି) ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ରାଜନାଥ ବିରୋଧୀ ଦଳ ନେତାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଥିଲେ, ଦେଶର ସାମ୍ପ୍ରଦାୟିକ ସମ୍ପ୍ରୀତିକୁ ଆଦୌ ନଷ୍ଟ କରିବାକୁ ଦିଆଯିବ ନାହିଁ । ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହି ଅବସରରେ ବିରୋଧୀ ଦଳଗୁଡ଼ିକ ରାଜନାଥଙ୍କୁ ଅନୁରୋଧ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ରାଜନୈତିକ ଦଳର ସଭାପତିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରନ୍ତୁ । ରାଜନାଥ ପ୍ରାରମ୍ଭରେ ପୁଲୱାମା ହମ୍ଲାର ଟିକିନିଖି ବିବରଣୀ ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ । ଏ ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ସର୍ବଦଳୀୟ ବୈଠକରେ ଗୃହୀତ ପ୍ରସ୍ତାବ ସମ୍ପର୍କରେ ସୂଚନାଦେଇ କହିଥିଲେ ଯେ, ସରକାରଙ୍କୁ ସବୁ ରାଜନୈତିକ ଦଳ ସମର୍ଥନ ଜଣାଇଛନ୍ତି । ରାଜନୈତିକ ତଥା ଧାର୍ମିକ ଆଧାରଗତ କୌଣସି ବିଚାର ନଦେଖି ଏଭଳି ସମାଜବିଧ୍ୱଂସୀ ଶକ୍ତିଙ୍କ ବିରୋଧରେ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଏପରିକି ଏହି ଘଟଣା ପଛରେ ଥିବା ଅସାମାଜିକ ତତ୍ତ୍ୱଙ୍କୁ ଗୁଳିକରି ମାରିଦେବା ଉଚିତ୍ । ପାକିସ୍ତାନ ସହିତ ରାଜନୈତିକ, କୁଟନୈତିକ, ବାଣିଜ୍ୟିକ ଓ ସମସ୍ତ ପ୍ରକାର ସମ୍ପର୍କକୁ ଛିନ୍ନ କରିବାର ସମୟ ଆସିଯାଇଛି । ତେଣୁ ଦେଶ ଚାହେଁ ପ୍ରତିଶୋଧ ।

### ମହାନଦୀ ଶୃଙ୍ଖଳା ...

ହେଲେ ଆଲୋଚନାରେ ସମାଧାନ ପାଇଁ ରାଜ୍ୟ ସରକାର ଚେଷ୍ଟା କଲେନାହିଁ । ଦେଢ଼ବର୍ଷ ତଳେ ଯେତେବେଳେ ମହାନଦୀ ବିବାଦ ଉଠିଲା ସେ ସମୟରେ କେନ୍ଦ୍ର ଓ ଛତିଶଗଡ଼ରେ ବିଜେପି ସରକାର ଥିଲା । ସେଥିପାଇଁ କେନ୍ଦ୍ର ସହିତ ଛତିଶଗଡର ବିଜେପି ସରକାରକୁ ବିଜେଡି ସମାଲୋଚନା କରୁଥିଲା ବେଳେ ବର୍ତ୍ତମାନ ନିରବ ରହିଛି । ଏପରିକି କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀଙ୍କ ସହିତ ତ୍ରିପାକ୍ଷିକ ଆଲୋଚନା ବି ଫେଲ୍ ମାରିଥିଲା । ଏବେ ସମାନ କଥା କଂଗ୍ରେସ ଦୋହରାଉଛି । ତେଣୁ ମହାନଦୀ ଜଳ ବିବାଦ ସମାଧାନର ଆଶା କ୍ଷୀଣ ହେବାରେ ଲାଗିଛି । ଉଲ୍ଲେଖଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ନେଇ ଶାସକ ବିଜୁ ଜନତା ଦଳ ଯଥା ସମ୍ଭବ ପ୍ରୟାସ କରିଥିଲେ ବି ଏଥିରେ ଏଯାଏଁ ସଫଳ ହୋଇନାହାନ୍ତି । କାରଣ ସେତେବେଳେ ବିଜେଡି ମହାନଦୀକୁ ନେଇ ରାଜ୍ୟବ୍ୟାପୀ ଏକମାସ ଧରି 'ମହାନଦୀ ବଞ୍ଚାଅ' ନାମରେ ଯେଉଁ ଅଭିଯାନ ଆରମ୍ଭ କରିଥିଲା ତାହାର ସୁଫଳ ଦେଖିବାକୁ ମିଳୁନି । ରାଜ୍ୟର ସବୁ ରାଜନୈତିକ ଦଳ ଏକାଠି ହୋଇ ମହାନଦୀ ସମସ୍ୟାର ସମାଧାନ ପାଇଁ ଲଢ଼ିବାକୁ ଆହ୍ୱାନ ଦେଇଥିଲା ବିଜେଡି । ଏନେଇ ବିଜେଡି ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ସମସ୍ୟା ସମାଧାନର କୌଣସି ବାଟ ଫିଟିପାରି ନଥିଲା । ବର୍ତ୍ତମାନର ପିସିସି ସଭାପତିଙ୍କ ଡାକରାରେ ଓଡ଼ିଶାକୁ ପ୍ରଚାର ପାଇଁ ଆସୁଥିବା ଛତିଶଗଡ଼ର ମନ୍ତ୍ରୀମାନେ ମହାନଦୀ କାର୍ଡ ଖେଳିବାରେ ବ୍ୟସ୍ତ । କଂଗ୍ରେସ ମନ୍ତ୍ରୀ ଟିଏସ୍ ସିଂ ମହାନଦୀ ପ୍ରସଙ୍ଗରେ ଏବେ କହିଛନ୍ତି ଯେ, ଦୁଇ ରାଜ୍ୟରେ କଂଗ୍ରେସ ସରକାର ହେଲେ ଆପୋଷ ବୁଝାମଣା ମାଧ୍ୟମରେ ମହାନଦୀ ବିବାଦର ସମାଧାନ ହୋଇପାରିବ । ସିଂଙ୍କ ମନ୍ତବ୍ୟକୁ ସମର୍ଥନ କରି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯଦି ଓଡ଼ିଶାର ବିଜେଡି ସରକାର ରାଜି ହେଉନାହାନ୍ତି ତେବେ କଂଗ୍ରେସ ଏଠାରେ ସରକାରକୁ ଆସିଲେ ଆଲୋଚନା ଦ୍ୱାରା ଏହାର ସମାଧାନ ହେବ । ଏ ପ୍ରସଙ୍ଗରେ ଉଭୟ କଂଗ୍ରେସ ଓ ବିଜେପିକୁ ଆତ୍ମସମୀକ୍ଷା ପାଇଁ ଆହ୍ୱାନ ଦେଇଛି ବିଜେଡି । ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଛତିଶଗଡ଼ କଂଗ୍ରେସର ଶ୍ରୀ ସିଂ ନୂଆ ନୂଆ ମନ୍ତ୍ରୀ ହୋଇଛନ୍ତି । ବୋଧେ ସେ ମହାନଦୀ ପ୍ରସଙ୍ଗରେ ଆଦୌ ଅବଗତ ନୁହଁନ୍ତି । ଓଡ଼ିଶା କଂଗ୍ରେସ ମହାନଦୀ ପ୍ରସଙ୍ଗରେ ଆରମ୍ଭରୁ ନିରବ ରହିଥିଲା । କିନ୍ତୁ ଶାସକ ବିଜେଡି ସରକାର ଦୁଇବର୍ଷ ଧରି ମହାନଦୀ ପାଇଁ ନିଜର ସଂଗ୍ରାମ ଜାରି ରଖିଛି । ସେତେବେଳେ ବିରୋଧୀଙ୍କ ପାଟି ଆଦୌ ଫିଟୁନଥିଲା । ଛତିଶଗଡ଼ରେ ବିଜେପି ସରକାରରେ ଥିଲା ବେଳେ ଯାହା ବର୍ତ୍ତମାନ କଂଗ୍ରେସ ସରକାର ମଧ୍ୟ ସମାନ ମନୋଭାବ ପୋଷଣ କରୁଛନ୍ତି । କେହି ଏହାର ସମାଧାନ ଚାହୁଁନାହାନ୍ତି । ତେଣୁ ମହାନଦୀ ପ୍ରସଙ୍ଗକୁ ନେଇ ରାଜନୀତି କରିବା ଅପେକ୍ଷା ରାଜ୍ୟ ସ୍ୱାର୍ଥ ଚିନ୍ତା କରିବା ଦରକାର । ନଚେତ୍ ଆଗାମୀ ଦିନରେ ରାଜ୍ୟର ଜନସାଧାରଣ ଏହାର ଦୃଢ଼ ଜବାବ ଦେବେ ।

### ପ୍ରିୟଙ୍କା ...

ସଫଳ ହୋଇଛି ବିଜେପି । ସୋନିଆ କେବଳ କଂଗ୍ରେସର ମୁଖିଆ ଭାବେ କାର୍ଯ୍ୟ କରି ପରେ ପୁତ୍ର ରାହୁଲଙ୍କୁ କଂଗ୍ରେସର ଅଧ୍ୟକ୍ଷ ପଦ ପ୍ରଦାନ କରିବା ପରେ ସାରା ଦେଶରେ କଂଗ୍ରେସ ପ୍ରତି ପୁଣି ଲୋକଙ୍କ ଆଶା ଭରସା ସୁଦୃଢ଼ ହୋଇଥିଲେ ବି ଭୋଟ ରାଜନୀତିରେ କଂଗ୍ରେସ ସେଭଳି କିଛି ସଫଳତା ଲାଭ କରିପାରି ନଥିଲା । ରାହୁଲଙ୍କ ନେତୃତ୍ୱରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ବିଧାନସଭା କ୍ଷେତ୍ରରେ କଂଗ୍ରେସର ସ୍ଥିତି ବଦଳିଗଲା ଏବଂ ଏଠାରେ କଂଗ୍ରେସ ହିଁ ଶାସନ ଗାଦିକୁ ଅକ୍ତିଆର କରିବାରେ ସକ୍ଷମ ହୋଇପାରିଲା । ଯାହାଫଳରେ ପୁଣିଥରେ କଂଗ୍ରେସ ଯେ, ଦେଶର ଶାସନ ଗାଦି ଅକ୍ତିଆର ଦିଗରେ ଅଗ୍ରସର ହେଉଛି ଏ ନେଇ ଲୋକଙ୍କ ମନରେ ଭାବନା ଜାଗ୍ରତ ହୋଇଛି । କାରଣ ବିଜେପିକୁ ଚିରଶତ୍ରୁ ଭାବୁଥିବା କଂଗ୍ରେସ କ୍ଷମତା ଲଢ଼େଇରେ ସମ୍ପ୍ରତି ଯେଭଳି ପ୍ରସ୍ତୁତି ଆରମ୍ଭ କରିଦେଇଛି ତାହା ଚିନ୍ତା କରିବାର ବିଷୟ । କାରଣ ବିଭିନ୍ନ ପ୍ରସଙ୍ଗରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରୁଥିଲା ବେଳେ ରାଫେଲ ଡିଲ୍‌କୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସଂସଦରେ ହେଉ କିମ୍ବା ସଭା ମଞ୍ଚରେ ରାହୁଲ ମୋଦିଙ୍କୁ 'ଚୌକିଦାର ଚୋର' କହିବାକୁ ପଛାଉ ନାହାନ୍ତି । ତଥାପି ଏତିକିରେ ବିଜେପିକୁ ପରାସ୍ତ କରି ଦେଶର ଶାସନ କ୍ଷମତା ଅକ୍ତିଆର କରିବା ସମ୍ଭବପର ମନେ ହେଉନଥିବାରୁ ରାଜନୀତି ମଇଦାନକୁ ନିଜ ଭଉଣୀ ପ୍ରିୟଙ୍କାଙ୍କୁ ଓହ୍ଲାଇଛନ୍ତି ରାହୁଲ । ପ୍ରିୟଙ୍କାଙ୍କ ଆଗମନ ପରେ କଂଗ୍ରେସ ଦଳ ମଧ୍ୟରେ ନୂଆ ଆଶାର ସଞ୍ଚାର ହେଲା ଭଳି ମନେ ହେଉଛି । ବିଜେପିକୁ ମାତ୍ ଦେବାକୁ ହେଲେ କଂଗ୍ରେସ ପ୍ରଚାର ପାଇଁ ହେଭିୱେଟ୍ ନେତାଙ୍କର ଆବଶ୍ୟକତା ରହିଛି । ଯଦିଓ ପ୍ରିୟଙ୍କା ରାଜନୀତିରେ ପୋଖତ ନୁହଁନ୍ତି ତଥାପି ଗାନ୍ଧି ପରିବାରର ତନୟା ହିସାବରେ ତାଙ୍କ ପାଖରେ ଇନ୍ଦିରାଙ୍କର ଗୁଣ ରହିଥିବା ଅନୁଭବ କରୁଛନ୍ତି କଂଗ୍ରେସ ନେତା ଓ କର୍ମୀ । ଲୋକସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ କଂଗ୍ରେସର ସାଧାରଣ ସମ୍ପାଦିକା (ଉତ୍ତର-ପୂର୍ବ) ଦାୟିତ୍ୱ ନେବା ପରଠାରୁ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି କରିଛନ୍ତି । କାରଣ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ କଂଗ୍ରେସ କରିଥିବା ମେଗା ରୋଡ ଶୋ'ରେ ପ୍ରିୟଙ୍କାଙ୍କ ପ୍ରତି ଜନସମର୍ଥନ ଥିବା ସାମ୍ନାକୁ ଆସିଛି । ଲକ୍ଷ୍ନୌ ବିମାନବନ୍ଦରରେ ଦଳୀୟ କାର୍ଯ୍ୟାଳୟକୁ ଯିବା ବାଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଜନସାଧାରଣ ପ୍ରିୟଙ୍କାଙ୍କୁ ଯେଭଳି ଫୁଲମାଳ ଓ ଗୋଲାପ ପାଖୁଡା ବର୍ଷଣ କରିଥିଲେ ତାହା ବିଜେପିକୁ ମଧ୍ୟ ଚକିତ କରିଛି । ଲକ୍ଷ୍ନୌରେ ମେଗା ରୋଡ ଶୋ' କରିବାର ଦିନକ ଆଗରୁ ଟ୍ୱିଟ୍‌ରରେ ପ୍ରିୟଙ୍କା କହିଥିଲେ ଯେ, ଦେଶରେ ନୂଆ ଧରଣର ରାଜନୀତି ଆରମ୍ଭ କରବାକୁ ସେ ବେଶ୍ ଆଶାବାଦୀ । ଉତ୍ତରପ୍ରଦେଶର ଋଷୀମାନେ ରାହୁଲଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲା ବେଳେ ପ୍ରିୟଙ୍କାଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ଆଶା ପୋଷଣ କରୁଛନ୍ତି । ବିଶେଷକରି ପ୍ରିୟଙ୍କାଙ୍କ ଯୋଗଦାନ ପରେ କଂଗ୍ରେସ ଅଧିକ ସୁଦୃଢ଼ ହେବ ବୋଲି କର୍ମୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି । ହେଲେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହଟାଇବା ଏତେ ସହଜ ମନେ ହେଉନାହିଁ । ତେବେ ପ୍ରିୟଙ୍କାଙ୍କ ଯୋଗଦାନ ପରେ କଂଗ୍ରେସର ଯେ ଭୋଟ ହାର ନ ବଢ଼ିବ ଏହାକୁ ଅସ୍ୱୀକାର କରିହେବନାହିଁ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ରାହୁଲଙ୍କ ଅପେକ୍ଷା ପ୍ରିୟଙ୍କା ଯେ କଂଗ୍ରେସ ପାଇଁ ଅପରିହାର୍ଯ୍ୟ ତାହା ଦଳୀୟ ନେତା ଓ କର୍ମୀ ଅନୁଭବ କରୁଛନ୍ତି । ଓଡ଼ିଶାରେ ମଧ୍ୟ କଂଗ୍ରେସରେ ପ୍ରିୟଙ୍କାଙ୍କ ଯୋଗଦାନର ପ୍ରଭାବ ଦେଖିବାକୁ ମିଳିଛି । ଦୀର୍ଘବର୍ଷ ଧରି ବିଜେଡି ଏଠାରେ ଯେଭଳି ଶାସନ କ୍ଷମତାରେ ରହିଛି ତାକୁ ହଟାଇ କଂଗ୍ରେସ ଗାଦି ଅକ୍ତିଆର କରିବ ବୋଲି ଜୋରସୋର ଉଦ୍ୟମ କରୁଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ତେଣୁ ବର୍ତ୍ତମାନ ସମୟରେ କଂଗ୍ରେସକୁ ପ୍ରିୟଙ୍କା ହିଁ ଭରସା ।

**ମୋଦିଙ୍କୁ ଚିଠି ଲେଖିଲେ ନବୀନ**

# ଭୂମିହୀନ, ଭାଗଚାଷୀ ଓ ଶ୍ରମିକଙ୍କୁ ପିଏମ୍ କିଷାନରେ ସାମିଲ କରାଯାଉ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ରାଜ୍ୟରେ ଲାଗୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ସ୍ୱାଗତ କରିବା ସହ ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏହି ଯୋଜନାରେ ଭୂମିହୀନ, ଭାଗଚାଷୀ ଓ ଶ୍ରମିକଙ୍କୁ ସାମିଲ କରାଯାଉ । ରାଜ୍ୟ ସରକାର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଓ ସେମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ବହୁ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ରାଜ୍ୟରେ କାଳିଆ ଯୋଜନାର ଶୁଭାରମ୍ଭ ହୋଇଛି । ଏହି ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ ଲକ୍ଷ ରଖାଯାଇଛି । ଭାଗଚାଷୀ ଓ ଭୂମିହୀନଙ୍କ ପାଇଁ ମଧ୍ୟ ଏହି ଯୋଜନାର ସହାୟତା ପ୍ରଦାନ କରାଯାଉଛି । କାଳିଆ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି । ଏହିଭଳି ଭାବେ ମୋଟ ଉପରେ ଚାଷୀ ୨୫ହଜାର ଟଙ୍କା ପାଇବେ । ପଶୁ ପାଳନ ଓ ମତ୍ସ୍ୟ ଚାଷ ଗ୍ରାମାଞ୍ଚଳରେ ଆର୍ଥିକ ବିକାଶର ମୁଖ୍ୟ ଭୂମିକା ତୁଲାଇଥାଏ । ବିଶେଷ କରି ଜମିହୀନ ପରିବାର ଦିନ ମଜୁରିଆ ଭାବେ କରୁଥିବା ଆୟ ଯଥେଷ୍ଟ ହୋଇନଥାଏ । ତେଣୁ କାଳିଆ ଯୋଜନା ଜମିହୀନ ପରିବାର ଓ ନାମମାତ୍ର ଚାଷୀଙ୍କ ପାଇଁ ସହାୟତା ଯୋଗାଇ ଦିଆଯାଉଛି । ଏହି ଯୋଜନା ଜାନୁଆରୀ ୨୦୧୯ରୁ ରାଜ୍ୟରେ ଆରମ୍ଭ ହୋଇସାରିଛି । ଓଡ଼ିଶାବାସୀଙ୍କ ଦ୍ୱାରା ଏହା ଆଦୃତ ହୋଇପାରିଛି । ବିଶେଷ କରି ରାଜ୍ୟର ଚାଷୀ ପରିବାରଙ୍କ ମଧ୍ୟରେ ଏହି ଯୋଜନା ବେଶ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିପାରିଛି । ଏହି ଯୋଜନାରେ ରାଜ୍ୟର ସବୁ ହିତାଧିକାରୀ ସାମିଲ ହୋଇଛନ୍ତି । ସେପଟେ ୧୦୦ ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ନବୀନ ସ୍ୱାଗତ କରିଛନ୍ତି । ଏହି ଯୋଜନାକୁ ଅଧିକ ଫଳପ୍ରଦ କରିବା ପାଇଁ ଏଥିରେ ଭୂମିହୀନ, ଭାଗଚାଷୀ ଓ ଶ୍ରମିକଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା

**ଖୋର୍ଦ୍ଧା :** ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ଗ୍ରାମ୍ୟ ବିଭାଗ ଉପବିଭାଜନରେ କାର୍ଯ୍ୟରତ ବିଭାଗୀୟ ଯନ୍ତ୍ରୀ ଓ ଖୋର୍ଦ୍ଧା ନିକଟବର୍ତ୍ତୀ ବାଜପୁର,ଦଳେଇପୁଟ, ଗୁରୁଜଙ୍ଗ ଅଞ୍ଚଳର ଜୈନକ ଠିକାଦାରଙ୍କ ମଧ୍ୟରେ ଚାଲିଛି ମଧୁ ଚନ୍ଦ୍ରିକା । ଦୈନିକ ବିପୁଳ ପରିମାଣର ଅର୍ଥ ହରିଲୁଟ୍ ହେଉଛି । ଏକ ବିଶେଷ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନରେ ଅବସ୍ଥାପିତ ଉପନିର୍ବାହୀ ଯନ୍ତ୍ରୀ ଦୀର୍ଘ ଏକ ବର୍ଷ ହେବ ଖୋର୍ଦ୍ଧାରେ ରହି ଜିଲ୍ଲାର ବହୁ ବଚ୍ଛା ବଚ୍ଛା ଠିକାଦାରମାନଙ୍କୁ କାମ ଯୋଗାଇ ମୋଟା ଅଙ୍କର ଅର୍ଥ ନିଜ ବ୍ୟାଙ୍କ ଆକାଉଣ୍ଟରେ ଗଚ୍ଛିତ କରି ରଖିଛନ୍ତି । ଠିକାଦାରମାନଙ୍କ ନିକଟରୁ ମୋଟା ଅଙ୍କର ପିସି ନେଉଥିବାରୁ ବିଭିନ୍ନ ଯୋଜନା ଗୁଡ଼ିକରେ ହେରଫେର ଚାଲିଥିଲେ ମଧ୍ୟ କେହି ସ୍ୱରଉତ୍ତୋଳନ କରିବାକୁ ସାହାସ କରୁ ନାହାଁନ୍ତି । ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନ ଅଧିନରେ କାର୍ଯ୍ୟକାରୀ ହେଉଥିବା ରାସ୍ତାକାମ ଗୁଡ଼ିକ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ନିର୍ଦ୍ଦେଶରେ ଚାଲୁଥିବା ବେଳେ ଏହାକୁ ନେଇ ଧିରେ ଧିରେ ଜନଅସନ୍ତୋଷ ତେଜିବାରେ ଲାଗିଛି ।ଏପରିକି ଠିକାଦାର କାମକୁ ନେଇ ଠିକାଦାରମାନଙ୍କ ମଧ୍ୟରେ ଉଚ୍ଚବାଚ୍ଚ ତଥା ହାତାହାତି ପର୍ଯ୍ୟନ୍ତ କଥା ଯାଇଥିବା ଦେଖିବାକୁ ମିଳିଛି । ଶେଷରେ ଯନ୍ତ୍ରୀ ମହାଶୟ ସଲାସୁତରା କରି ବିବାଦ ତୁଟାଉଥିବା ଜଣାପଡ଼ିଛି । ବିଭାଗୀୟ ରାସ୍ତା କାମ ଅତି ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ନିକଟରେ ଖୋର୍ଦ୍ଧା ଗୁରୁଜଙ୍ଗ ଠାରୁ କୁମାରବସ୍ତ ଗ୍ରାମ ଦେଇ ପିତାପଲ୍ଲୀରୁ ଯାଇଥିବା ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ସହ ରାସ୍ତା ରୋକ କରିବା ପାଇଁ ଚେତାବନୀ ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନଥିଲା । ୫୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟରେ ନିର୍ମାଣ କରାଯାଇଥିବା ଏହି ରାସ୍ତାର କାର୍ଯ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ଏ ସମ୍ପର୍କରେ ଅନେକ ଅଭିଯୋଗ ଏବଂ ସେ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣ ଦୃଢ଼ ଦାବି ହେଉଛି ।

**ପଲିଥିନମୁକ୍ତ ସହର ଘୋଷଣା ପ୍ରସଙ୍ଗ**

# ଘୋଷଣା ସତ୍ତ୍ୱେ ଫଳ ଶୂନ୍



**ସୋନପୁର :** ସୁବର୍ଣ୍ଣପୁରକୁ ରାଜ୍ୟର ପ୍ରଥମ ପଲିଥିନମୁକ୍ତ ସହର କରାଯିବ ବୋଲି ଅନେକ ଦିନ ତଳେ ଘୋଷଣା କରାଯାଇଥିଲା । କିନ୍ତୁ ଇତି ମଧ୍ୟରେ ଅନେକ ଦିନ ଓ ବର୍ଷ ବିତି ଯାଇଛି । କିନ୍ତୁ ସରକାରୀ ଘୋଷଣା କେବଳ ଘୋଷଣାରେ ସୀମିତ ରହିଯାଇଛି । ବରଂ ରଜ୍ୟ ର ଏହି ଗୁରୁତ୍ୱପୂର୍ଣ୍ଣ ସହର ସୁବର୍ଣ୍ଣପୁର ପାଇଁ ପଲିଥିନ ପ୍ରଦୂଷଣ ମୁଣ୍ଡବ୍ୟଥା ପାଲଟିଛି । ଓଡିଶାରେ ସୁବର୍ଣ୍ଣପୁର ସହରକୁ ପ୍ରଥମ ପଲିଥିନ ମୁକ୍ତ ସହର ଭାବେ ପରିଣତ କରିବା ପାଇଁ ଅନେକ ଦିନ ତଳେ ଜିଲ୍ଲା ପ୍ରସାସନ ଆନୁକୂଲ୍ୟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ସେହି ସମୟରେ ସୁବର୍ଣ୍ଣପୁର ସହରରେ ସ୍ୱଚ୍ଛତା ଓ ପ୍ରଦୂଷଣ କୁ ଦୃଷ୍ଟିରେ ରଖି ତତ୍କାଳୀନ ଜିଲାପାଳଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜନ କରାଯାଇଥିଲା । ଏହି ସହର ଦେଇ ଯାଇଥିବା ଜାତୀୟ ରାଜପଥ ସହ ଜିଲ୍ଲାର ଅନେକ ସଡକ ପଥ ରେ ପ୍ରତିଦିନ ହାରାହାରି ପ୍ରାୟ ହଜାର ହଜାର ଲୋକ ଯାତାୟତ କରୁଛନ୍ତି । ତେଣୁ ସହରକୁ ପଲିଥିନ ମୁକ୍ତ ସହର ଭାବେ ପରିଣତ କରିବା ପାଇଁ ହୋଟେଲ, ଢାବା, ଦୋକାନ ଗୁଡିକୁ ଆଦୌ ପଲିଥିନ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଥିଲେ । ସଭାର ଅନ୍ୟତମ ଅତିଥି ତତ୍କାଳୀନ ଅତିଥି ମାନେ ଅଳ୍ପ ଦିନ ମଧ୍ୟରେ ସୁବର୍ଣ୍ଣପୁର କୁ ସଂପୂର୍ଣ୍ଣ ପଲିଥିନମୁକ୍ତ କରାଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ଅଧିକାଂଶ ସରକାରୀ ଘୋଷଣା ଭଳି ଏହି ଘୋଷଣାର ମଧ୍ୟ ଦଶା ହୋଇଛି । ବର୍ଷ ବର୍ଷ ପରେ ବି ସରକାରୀ ବାବୁମାନେ ଏ ଦିଗରେ କେତେ ସଚେତନ ହୋଇ ପଦକ୍ଷେପ ନେଇଛନ୍ତି ତାହା ନ କହିବା ଭଲ । ସହରରେ ପଲିଥିନ୍ ଓ ଅନ୍ୟାନ୍ୟ ଆବର୍ଜନା କମିବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି । ତେବେ ପରିତାପର କଥା ହେଲା- ସରକାରୀ ପଦାଧିକାରୀ ଓ ଲୋକ ପ୍ରତିନିଧିମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁନ୍ଦର ଭାଷଣ ଜରିଆରେ ସୁସ୍ଥ ସୁନ୍ଦର ଓ ପଲିଥିନମୁକ୍ତ ସୁବର୍ଣ୍ଣପୁର ପାଇଁ ଯେଉଁ ସୁନ୍ଦର ସ୍ୱପ୍ନ ଦେଖାଇଥିଲେ ତାହା ଆଜି ଯାଏ ସତ ହୋଇନାହିଁ । ବରଂ ଦୋକାନୀମାନେ ନିୟମ ଉଲ୍ଲଂଘନ କରି ଖୋଲାଖୋଲି ପଲିଥିନ ବ୍ୟବହାର କରୁଛନ୍ତି । ତେଣୁ ପୌର ପରିଷଦ ଓ ଉପଖଣ୍ଡ ପ୍ରଶାସନ ପଲିଥିନ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜିଲ୍ଲା କୁ ପଲିଥିନମୁକ୍ତ କରିବାକୁ ସଚେତନ ମହଲରେ ଦାବି ହେଉଛି ।

ପର୍ଯ୍ୟଟନ

# ମୋର୍ଜିମ୍ ବିଚ୍ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ନିଆରା

ଆପଣମାନେ ଜାଣିଥିବେ ଯେ, କିଛି ସପ୍ତାହ ହେଲା ଆପଣମାନଙ୍କୁ ଗୋଆର ବିଭିନ୍ନ ସି ବିଚ୍ ସମ୍ପର୍କରେ ସୂଚନା ଦେଉଛି। ଆଜି ଯେଉଁ ସି ବିଚ୍ ସମ୍ପର୍କରେ ମୁଁ ଆପଣମାନଙ୍କୁ ସୂଚନା ଦେବି ତାହା ହେଉଛି ମୋର୍ଜିମ୍। ଏହି ସି ବିଚ୍ ପାଣାଜୀ ଠାରୁ ଦୂରତା ହେଉଛି ପ୍ରାୟ ୨୭ରୁ ୨୮ କିଲୋମିଟର। ତେବେ ଏହି ବିଚ୍ ସମ୍ପର୍କରେ ଅଧିକ ସୂଚନା ଦେବା ପୂର୍ବରୁ ଆପଣମାନଙ୍କୁ କହିବାକୁ ଚାହିଁବି ଯେ, ଗୋଆର ଏହି ବିଚ୍ ମୋ' ବାଲ୍ୟକାଳର ଅନେକ ସ୍ମୃତିକୁ ପୁଣି ତାଜା କରିଦେଇଥିଲା। କେମିତି ତାହା ପରେ ଲେଖିବି। ତେବେ ଆମେ କିଛି ସମୟ ଯାତ୍ରା କରିବା ପରେ ଯାଇ ପହଞ୍ଚିଥିଲୁ ମୋର୍ଜିମ୍ ସି ବିଚ୍‌ରେ। ଗାଡି ଚାଳକ ମୋତେ ସୂଚନା ଦେଲେ ଯେ, ମୋର୍ଜିମ୍ ସହରକୁ ଲିଟିଲ୍ ଋଷିଆ ବୋଲି କୁହାଯାଏ। କାରଣ ଏଠାରେ ଅନେକ ଋଷିଆନ ପର୍ଯ୍ୟଟକ ଦୀର୍ଘବର୍ଷ ଧରି ବସବାସ କରୁଛନ୍ତି। ଆହୁରି ମଧ୍ୟ ସୂଚନା ଦେଲେ ଯେ, ଏହି ବିଚ୍ ଏବଂ ସହରଟି ଚପୋରା ନଦୀର ଉତ୍ତର କୂଳବର୍ତ୍ତୀ ଅଞ୍ଚଳ ଏବଂ ଏହି ଅଞ୍ଚଳ ଅନେକ ପ୍ରକାରର ପକ୍ଷୀଙ୍କ ବାସସ୍ଥଳ। ଅଲିଭ୍ ରିଡ୍‌ଲେ କଇଁଛ ଏଠାରେ ଅଣ୍ଡାଦାନ କରିବାକୁ ମଧ୍ୟ ଆଗମନ କରିଥାନ୍ତି। ଆମ ଓଡ଼ିଶାରେ ମଧ୍ୟ ଅନେକ ଉପକୂଳବର୍ତ୍ତୀ ଅଞ୍ଚଳକୁ ଅଲିଭ୍ ରିଡ୍‌ଲେ କଇଁଛ ମାନଙ୍କର ଅଣ୍ଡାଦାନ ପାଇଁ ଆଗମନ ହୋଇଥାଏ। ସମୁଦ୍ରକୂଳରେ ଆମେ ପହଞ୍ଚିବା ବେଳକୁ କିଛି ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କର ଭିଡ






ଉପସ୍ଥାପନା
ଜାହ୍ନବୀସୁତ

ଲାଗିରହିଥାଏ। ଆଉ ବିଶେଷ କରି ବିଦେଶୀ ପର୍ଯ୍ୟଟକ ମାନଙ୍କର ଭିଡ ବେଶୀ। ଗାଇଡ୍ ମୋତେ ଯାହା ସୂଚନା ଦେଲେ, ମୋର୍ଜିମ୍ ସି ବିଚ୍‌ରେ ବିଶେଷକରି ଋଷିଆନ୍ ପର୍ଯ୍ୟଟକ ମାନଙ୍କର ଭିଡ ହିଁ ରହିଥାଏ। ସେଥିପାଇଁ ତ ଏହି ସ୍ଥାନକୁ ଲିଟିଲ୍ ଋଷିଆ ବୋଲି କୁହାଯାଏ। ଆଉ ଏଠାରେ ଋଷିଆନ୍ ପର୍ଯ୍ୟଟକ ମାନଙ୍କ ବସବାସକୁ ନେଇ ଅତୀତରେ ଅନେକ ଚର୍ଚ୍ଚା ମଧ୍ୟ ହୋଇଛି। ଅବଶ୍ୟ ମୁଁ ମୋ ଗାଇଡ୍‌ଙ୍କ ଠାରୁ ଆଉ ଅଧିକ ଜାଣିବା ଉଚିତ୍ ମନେ କଲି ନାହିଁ। ହେଲେ ବେଳାଭୂମୀରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଦେଖି ମୋର କିଛି ପୁରୁଣା ସ୍ମୃତି ମନେ ପଡିଲା। ନିଜ ଜନ୍ମ ସ୍ଥାନ ଶ୍ରୀକ୍ଷେତ୍ର ପୁରୀ। ଆଉ ଏଠାରେ ମୁଁ ସ୍ନାତକ ଯାଏଁ ଶିକ୍ଷାଲାଭ କରିଛି। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ପାଇଁ ରାଜଧାନୀ ଭୁବନେଶ୍ୱର ଆସିଥିଲି। ହେଲେ ପୁରୀରେ ପାଠ ପଢ଼ିବା ସମୟରେ ଆମେ କ୍ଲାସରୁ ଅନେକ ଥର ପୁରୀ ଚକ୍ରତୀର୍ଥ ରୋଡ୍ ସ୍ଥିତ ସମୁଦ୍ର ବେଳାଭୂମୀକୁ ଯାଇଥାଉ। କାରଣ କେବଳ ଥାଏ ବିଦେଶୀ ପର୍ଯ୍ୟଟକମାନଙ୍କୁ ଦେଖିବା ପାଇଁ। ସେ ସମୟରେ ପୁରୀ ସମୁଦ୍ର କୂଳରେ ଏତେ ପରିମାଣରେ ହୋଟେଲ୍ କିମ୍ବା ଏତେ ଗହଳ ଚହଳ ମଧ୍ୟ ନଥାଏ। ଚକ୍ରତୀର୍ଥ ରୋଡ୍ ପଟ ସମୁଦ୍ରକୂଳ ଖୁବ୍ ନିକାଞ୍ଚନ ଥାଏ ଆଉ ମୋର ଯାହା ଅନୁଭବ ହୁଏ ବିଦେଶୀ ପର୍ଯ୍ୟଟକମାନେ ଶାନ୍ତିପୂର୍ଣ୍ଣ ତଥା ନିରୋଳା ସମୁଦ୍ର ବେଳାଭୂମୀକୁ ବୋଧେ ଅଧିକ ଭଲ ପାଆନ୍ତି। ଆମେ ସେତେବେଳେ ସମୁଦ୍ରକୂଳ ବୁଲି ଖଣ୍ଡିଖଣ୍ଡି ଇଂରାଜୀ ଭାଷାରେ ସେମାନଙ୍କ ସହ କଥା ହେଉ। କାହା କାହା ସହ ବନ୍ଧୁତା ମଧ୍ୟ ହୁଏ। ସେମାନେ ଆମକୁ ଅନେକ ଉପହାର ମଧ୍ୟ ଦେଇଥାନ୍ତି। କେତେବେଳେ ସାର୍ଟରେ ଲଗାଇବା ପାଇଁ ବ୍ୟାଚ୍ ତ କେତେବେଳେ ବିଦେଶୀ ସନ୍‌ଗ୍ଲାସ ମଧ୍ୟ ଆମେ ଉପହାର ପାଇଛୁ। ଏବେ କିନ୍ତୁ ବେଳେ ବେଳେ ସମୟ ମିଳିଲେ ମୁଁ ସମୁଦ୍ରକୂଳକୁ ଯାଏ ହେଲେ ଆଉ ଏତେ ବିଦେଶୀ ପର୍ଯ୍ୟଟକ ଦେଖିବାକୁ ମିଳୁନାହାନ୍ତି। ମାଳ ମାଳ ହୋଟେଲ୍ ଏବଂ ଗହଳ ଚହଳ ବି ବଢ଼ିଗଲାଣି। କିନ୍ତୁ ବିଦେଶୀଙ୍କ ସହ ବନ୍ଧୁତା ସ୍ଥାପନ କରିବା ସେ ସମୟରେ ଏକ ନିଆରା ଅନୁଭୂତି ଦେଉଥିଲା ନିଶ୍ଚିତ। ଏହିସବୁ ପୁରୁଣା ସ୍ମୃତି ମନକୁ ଆସୁଥିଲା ମୋର୍ଜିମ୍ ସମୁଦ୍ର କୂଳ ବୁଲିବା ବେଳକୁ। ଏହି ସି ବିଚ୍‌ଟି ସାମାନ୍ୟ ପଥୁରିଆ ସି ବିଚ୍ ରହିଥିଲା। ଆଉ ଆମେ ଏକ ସ୍ଥାନରେ ବସିଲୁ। କାରଣ ମୋତେ ମୋ ଗାଇଡ୍ ସୂଚନା ଦେଲେ ଯେ, ଏହି ମୋର୍ଜିମ୍ ବିଚ୍‌ରେ ସୂର୍ଯ୍ୟାସ୍ତ ବେଳର ଦୃଶ୍ୟ ଖୁବ୍ ମନୋରମ। ଏହାପରେ ଧିରେ ଧିରେ ସୂର୍ଯ୍ୟାସ୍ତର ସମୟ ଆସିଲା। ସତରେ ଆକାଶର ରଙ୍ଗକୁ ସମୁଦ୍ର ପାଣିର ରଙ୍ଗ ଏକ ଅଦ୍ଭୁତ ରୋମାଞ୍ଚକର ପରିବେଶ। ମୁଁ ଯଦି କବିଟିଏ ହୋଇଥାନ୍ତି ତା'ହେଲେ କବିତା ଦୁଇ ଧାଡି ନିଶ୍ଚୟ ଲେଖିଥାନ୍ତି।

*କ୍ରମଶଃ...*

ଆସ ବୁଲିଯିବା




## ଅମୂଲ୍ୟ କୁମାର ଦାସ ଖୋର୍ଦ୍ଧାର ନୂଆ ଏସ୍‌ପି



**ଖୋର୍ଦ୍ଧା :** ଚଳିତ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ବରିଷ୍ଠ ପୁଲିସ ଅଧିକାରୀଙ୍କ ମଧ୍ୟରେ ବ୍ୟାପକ ଅଦଳ ବଦଳ କରିଥିବା ଜଣାପଡ଼ିଛି। ଠିକ୍ ସେହିପରି ଭାବରେ ଖୋର୍ଦ୍ଧା ଏସ.ପି. ଭାବରେ କାର୍ଯ୍ୟକରୁଥିବା ଦିପ୍ତୀ ରଞ୍ଜନ ରାୟଙ୍କୁ କ୍ରାଇମ ବ୍ରାଞ୍ଚ ଏସ୍.ପି ଭାବରେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଗଜପତି ଜିଲ୍ଲାର ଏସ.ପି. ଭାବରେ କାର୍ଯ୍ୟ କରୁଥିବା ଅମୂଲ୍ୟ କୁମାର ଦାସଙ୍କୁ ଖୋର୍ଦ୍ଧାର ଭାରାପ୍ରାପ୍ତ ଏସ.ପି. ଭାବରେ ନିଯୁକ୍ତି ଦିଆଯାଇଛି। ସୂଚନା ଯୋଗ୍ୟ ଯେ, ଦିପ୍ତି ରଂଜନ ରାୟଙ୍କ ଅବସର ନେବାକୁ ଆଉ ଗୋଟିଏ ମାସ ବାକି ଥିବା ବେଳେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏବଂ ତାଙ୍କ ଅବସର ପରେ ନୂତନ ଭାବରେ କାହାରିକୁ ଏସ.ପି. ଭାବରେ ନିଯୁକ୍ତି ଦେବା ପାଇଁ ନିର୍ବାଚନୀ କଟକଣା ଲାଗୁ ହୋଇଯାଇଥିବା ଯୋଗୁଁ ତାଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି।

## ପ୍ରେମର ସନ୍ତକ ଭାବେ ପରିଚିତ 'ନିମୁହିଁ ଦେଉଳ' ଅବହେଳିତ

**ସୋନପୁର :** ପ୍ରେମ ହିଁ ପୂଜା, ପୂଜା ହିଁ ପ୍ରେମ, ପ୍ରେମ ହିଁ ଆରାଧନା। ବାସ୍ତବରେ ପ୍ରମ ହେଉଛି ନୈସର୍ଗିକ। ଦୁଇଟି ପ୍ରାଣର ତ୍ୟାଗପୂତ ଜୀବନ ହିଁ ଏହାର ମୂଳ ଭିତ୍ତି। ଏହାଦ୍ୱାରା ଉଭୟଙ୍କ ଜୀବନ ହୁଏ ଆଦର୍ଶାୟିତ। ସାମାଜିକ ଭିତ୍ତିଭୂମି ହୁଏ ବଳିଷ୍ଠ। ଭାରତୀୟ ସଂସ୍କୃତିରେ ପୁରାଣପୃଷ୍ଠା ଅବଲୋକନ କଲେ ଏହା ସ୍ପଷ୍ଟ ଅନୁମେୟ ହୁଏ। ପ୍ରେମ କୁ ସବୁ ଦିନ ମନେରଖିବା ଉଦ୍ଦେଶରେ ସାହାଜନ ମମତାଜ ଙ୍କ ପାଇଁ ତାଜ ମହଲ ନିର୍ମାଣ କରିଥିଲେ । ଟୋକ ସେପରି କିମ୍ୱଦନ୍ତି ବହନ କରେ ସୁବର୍ଣ୍ଣପୁର ରେ ଥିବା ନିମୁହି ଦେଉଳ । କଥାରେ ଅଛି ମନ୍ତ୍ରୀ ପୁତ୍ର ଅହିମାଣିକ୍ୟ ଓ ରାଜ କୁମାରି ଶଶିଶେଣା ଙ୍କ ପ୍ରେମକୁ ନେଇ ରହିଛି ସ୍ୱର୍ଣ୍ଣମ ସ୍ମାରକୀ ଯାହା ବହନ କରେ ପ୍ରେମ ପ୍ରଣୟର ଅନନ୍ୟ ବାର୍ତ୍ତା । ମନ୍ତ୍ରୀ ପୁତ୍ର ଅହି ମାଣିକ୍ୟ ଓ ଅମରାବତୀ ରାଜା ବିକ୍ରମ କେଶରୀ ଙ୍କ କନ୍ୟା ରାଜକୁମାରୀ ଶଶିଶେଣା ଦୁହିଙ୍କ ଥିଲା ଅନାବିଲ ପ୍ରେମ । ତନ୍ତ୍ର ସାଧିକା ଜ୍ଞାନ ଦେଇ ମାଲୁଣି ଆକୃଷ୍ଟ ହୋଇଥିଲା ସେଦିନ ଅହିମାଣିକ୍ୟ କୁ ଦେଖି । ଅହିମାଣିକ୍ୟ ର ରୁପ ଯୌବନରେ ନିଜର କାମ ବାସନାକୁ ଚିରିତ୍ୟର୍ଥ କରିବା ପାଇଁ ତନ୍ତ୍ର ବିଦ୍ୟା ବଳରେ ଫୁଲ ସଂଘାଇ ବଶ କରି ନେଉଥିଲା ମନ୍ତ୍ରୀ ପୁତ୍ର କୁ ତନ୍ତ୍ର ବଳରେ ଦିନରେ ମେଣ୍ଢା ଓ ରାତିରେ ଭେଣ୍ଡା କରି ବଶ କରି ରଖୁଥିଲା । ନିଖୋଜ ଅହିମାଣିକ୍ୟକୁ ଖୋଜି ଖୋଜି ନ ପାଇ ରଜ କୁମାରି ଶଶୀଶେଣା ଶେଷରେ ପ୍ରାର୍ଥନା କରିଥିଲେ ମାଁ ବଗବତୀଙ୍କୁ । ତାନ୍ତ୍ରିକ ମାଲୁଣି ର କବଳରୁ ମୁକ୍ତ କରିଥିଲେ ଅହିମାଣିକ୍ୟ ଙ୍କୁ । କିମ୍ୱଦନ୍ତିର ଏହି



ସୋନପୁର ର ନିମୁହିଁ ଦେଉଳ ବା ଶଶିଶେଣା ମନ୍ଦିର । ପରିଶେଷରେ ମନ୍ତ୍ରୀ ପୁତ୍ର କୁମାର ଅହିମାଣିକ୍ୟ ଓ ରାଜ କୁମାରି ଶଶିଶେଣା ପ୍ରେମର ବିଜୟ ହେଇଥିଲା ମାଁ ଙ୍କ କରୁଣାରୁ । ସେଦିନ ରାଜ ଦଣ୍ଡ ଭୟରେ ଅମରାବତୀରୁ କାମାନ୍ତପୁର ( ଏବେକାର ସୁବର୍ଣ୍ଣପୁର) କୁ ପଳାଇ ଅସିଥିବା ମନ୍ତ୍ରୀ ପୁତ୍ର କୁମାର ଓ ରାଜ କୁମାରି ଙ୍କ ପ୍ରେମର ସ୍ମାରକି ଭାବେ ତିଆରି ହୋଇଥିବ ଶଶିଶେଣା ମନ୍ଦିର । ମନ୍ଦିରରେ ପ୍ରେମ ର ସୃତି କୁ ବହନ କରୁଥିବା ଏହି କାରିକାର୍ଯ୍ୟ ପୁର୍ଣ୍ଣ ମନ୍ଦିର ର ପ୍ରବେଶ ଦ୍ୱାର ନଥିବାରୁ ଏହା ନିମୁହିଁ ଦେଉଳ ଭାବେ ବେଶ ପରିଚିତ । ପ୍ରମର ବାର୍ତା ପରସି ପ୍ରଂଶଶିତ ହୋଇଥିବା ଏହି କଳାତ୍ମକ ମନ୍ଦିର ଆଜିବି ବିଦ୍ୟାମାନ ସୁବର୍ଣ୍ଣପୁର ସହର ମଝି ଭାଗରେ । ହେଲେ ଅଷ୍ଟମ ନବମ ଶତାବ୍ଦିରୁ ନିର୍ମିତ ଏହି ସୃତି ଏବେ ଅବହେଳିତ । କେବଳ ରଙ୍ଗ ଟିକେ ଲଗେଇ ଦେଇ ଚିପ ବସିଛି ପ୍ରସାସନ । ମନ୍ଦିରର ଇତିହାସ କୁ ଦୃଷ୍ଟିରେ ରଖି ପ୍ରସାସନ ଏହାର ରକ୍ଷାାଣା ବେକ୍ଷଣ ସହ ଉନ୍ନତି କ୍ଷେତ୍ରରେ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# ସଚେତନତା ସତ୍ତ୍ୱେ ରାଜ୍ୟରେ ବଢ଼ି ଚାଲିଛି ଦୁର୍ଘଟଣା

**ଭୁବନେଶ୍ୱର :** ସୁରକ୍ଷିତ ଗାଡ଼ି ଚାଳନା ଓ ଦୁର୍ଘଟଣାରୁ ବର୍ତ୍ତିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉପାୟରେ ସଚେତନତା ସୃଷ୍ଟି କରୁଛନ୍ତି। ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ବି ହେଉଛି। ସେପଟେ କିନ୍ତୁ ସଡ଼କ ଦୁର୍ଘଟଣା ଆଶାତୀତ ଭାବେ ବଢ଼ିଚାଲିଛି। ରିପୋର୍ଟ ମୁତାବକ ଗତ ଦଶ ବର୍ଷ ମଧ୍ୟରେ ୪୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ ହୋଇଥିବା ବେଳେ ପାଖାପାଖି ୬୦ହଜାର ଲୋକ ଗୁରୁତର ଆହତ ହୋଇଛନ୍ତି। ପ୍ରତିବର୍ଷ ୪ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି। ଗତ ତିନିବର୍ଷ ଭିତରେ ସଡ଼କ ଦୁର୍ଘଟଣା ଜନିତ ହାର ବଢ଼ିଥିବା ପରିଲକ୍ଷିତ ହୋଇଛି। ତଥ୍ୟ ଅନୁସାରେ ୨୦୦୮ରେ ୮୧୮୪ଟି ଦୁର୍ଘଟଣା ହୋଇଥିବା ବେଳେ ୩୦୭୯ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୦୯ରେ ୮୮୯୨ଟି ଦୁର୍ଘଟଣାରେ ୩୫୨୭ଜଣ, ୨୦୧୦ରେ ୯୪୧୩ଟି ଦୁର୍ଘଟଣାରେ ୩୮୩୭ଜଣ, ୨୦୧୧ରେ ୯୩୯୮ଟି ଦୁର୍ଘଟଣାରେ ୩୮୦୨ଜଣ, ୨୦୧୨ରେ ୯୨୮୫ଟି ଦୁର୍ଘଟଣାରେ ୩୭୦୧ଜଣ, ୨୦୧୩ରେ ୯୬୮୦ଟି ଦୁର୍ଘଟଣାରେ ୪୦୬୨ଜଣ, ୨୦୧୪ରେ ୯୬୪୮ଟି ଦୁର୍ଘଟଣାରେ ୩୯୩୧ଜଣ, ୨୦୧୫ରେ ୧୦୫୪୨ଟି ଦୁର୍ଘଟଣାରେ ୪୩୦୩ଜଣ, ୨୦୧୬ରେ ୧୦୫୩୨ଟି ଦୁର୍ଘଟଣାରେ ୪୪୬୩ଜଣ, ୨୦୧୭ରେ ୧୦୮୫୫ଟି ଦୁର୍ଘଟଣାରେ ୪୭୯୦ଜଣଙ୍କ ପ୍ରଣହାନି ହୋଇଥିବାବେଳେ ୨୦୧୮ରେ ସର୍ବାଧିକ ୫୩୧୫ଜଣଙ୍କ ପ୍ରାଣହାନି ହୋଇଥିବା ଜଣାପଡ଼ିଛି। ସେପଟେ କିନ୍ତୁ ଦୁର୍ଘଟଣା ବଢ଼ିବା ସହ ବେଆଇନ ଭାବେ ଗାଡ଼ି ଚଳାଇ ଟ୍ରାଫିକ୍ ନିୟମ ଭାଙ୍ଗିଥିବା ଅଭିଯୋଗରେ ଗତ ୨ ବର୍ଷ ମଧ୍ୟରେ ୩ଲକ୍ଷ ୭୨ ହଜାର ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହାସହିତ ୨୦୧୮ ମସିହାରେ ୫୮୮୫ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ସୂଚନା ଅନୁସାରେ ସର୍ବାଧିକ ବରଗଡ଼ ଜିଲ୍ଲାରେ ୧୭୭୦, ଗଞ୍ଜାମ ଜିଲ୍ଲାରେ ୧୩୪୧, ବାଲେଶ୍ୱରରେ ୧୧୧୯, ବ୍ରହ୍ମପୁରରେ ୮୪୪ ଓ କେନ୍ଦୁଝରରେ ୮୧୧ଜଣ ଗାଡି ଚାଳକଙ୍କ ଲାଇସେନ୍ସ ଜବତ କରାଯାଇଛି। ଗତ ଦୁଇବର୍ଷ ଭିତରେ ବେଆଇନ ଗାଡ଼ି ଚଳାଇ ଟ୍ରାଫିକ ନିୟମ ଭଙ୍ଗ କରିଥିବା ଅଭିଯୋଗରେ ଭୁବନେଶ୍ୱରରେ ୧ଲକ୍ଷ ୪୮ହଜାର, କେନ୍ଦୁଝରରେ ୧ଲକ୍ଷ, କଟକରେ ୬୩ହଜାର ଓ ଯାଜପୁରରେ ୬୧ହଜାର ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଟ୍ରାଫିକ ସିଗନାଲିଂ ପ୍ରଣାଳୀକୁ ପରିବହନ ବିଭାଗ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଖିଲାପକାରୀଙ୍କ ସଂଖ୍ୟା କମୁନଥିବା କୁହାଯାଉଛି। ସଡ଼କ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ୍ ଜରିଆରେ ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରାଯିବା ସହ ସଡ଼କ ସୁରକ୍ଷା ପାର୍କ, ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିଅର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ବ୍ୟବସ୍ଥା ପ୍ରାଥମିକଭାବେ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ବାଲେଶ୍ୱର, କେନ୍ଦୁଝର, ଯାଜପୁର ପରି ସହରରେ ଲାଗୁ କରାଯାଇଛି। ଏହାସହ ଲର୍ଣ୍ଣିଂ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ କିନ୍ତୁ ଏହିସବୁ ବ୍ୟବସ୍ଥାକୁ ଯେଉଁ ଉପାୟରେ କାର୍ଯ୍ୟକାରୀ କରାଯିବା କଥା,ତାହା ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ସଡ଼କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅନୁଷ୍ଠାନ। ଟ୍ରାଫିକ ପରିଚାଳନା କ୍ଷେତ୍ରରେ ଅଭିଜ୍ଞ ଅଫିସରଙ୍କ ଅଭାବ ଓ ଉନ୍ନତମାନର ଯନ୍ତ୍ରପାତି ନଥିବା କାରଣରୁ ସଚେତନତା ସତ୍ତ୍ୱେ ଦୁର୍ଘଟଣା ବଢୁଥିବା ବିଶେଷଜ୍ଞମାନେ କହିଛନ୍ତି। ବିଶେଷ କରି ସହର ମଧ୍ୟରେ ହେଉଥିବା ଦୁର୍ଘଟଣାକୁ ଏଡ଼ାଇବା ଲାଗି ସହର ଭିତରେ ଥିବା ରାସ୍ତା ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି ହୋଇଛି। କମ୍ ବୟସର ଛାତ୍ରଛାତ୍ରୀ ଓ ପିଲାମାନଙ୍କୁ ମୋଟରବାଇକ୍ ଦେବାବେଳେ ପରିବାର ପକ୍ଷରୁ ଗାଡ଼ି ଚଳାଇବା ନିୟମକୁ ଜାଣିବା ଆବଶ୍ୟକ ବୋଲି ମଧ୍ୟ କୁହାଯାଇଛି। ଜାତୀୟ ରାଜପଥରେ ୩୭ଟି ଇଣ୍ଟରସେପ୍ଟର ମୁତୟନ କରାଯାଇଥିବାବେଳେ ଖୋର୍ଦ୍ଧାରୁ ଚଣ୍ଡିଖୋଲ ଓ ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ଲାଗି ସୌରଚାଳିତ ବ୍ଲିଙ୍କର ଲଗାଯାଇଛି। ସେହିପରି ବିଭିନ୍ନ ଦୁର୍ଘଟଣାସ୍ଥଳ ଚିହ୍ନଟ କରାଯାଇ ସିସିଟିଭି କ୍ୟାମେରା ଲଗାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ କହିଛନ୍ତି। ଆଗକୁ ଏ କ୍ଷେତ୍ରରେ ଅଧିକ ନିୟମ କରାଯାଇ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ସହର ରାସ୍ତାରେ କିପରି ସୁବିଧାରେ ଗାଡି ଚଳାଚଳ ହୋଇପାରିବ ଓ ଦୁର୍ଘଟଣା ରୋକାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯିବା ନେଇ ମଧ୍ୟ ସରକାର ତତ୍ପର ଥିବା ପରିବହନ ମନ୍ତ୍ରୀ ସୂଚନା ଦେଇଛନ୍ତି।






ଭୁବନେଶ୍ୱର : ଲୟର୍ସ ଗ୍ରୁପ୍ ପକ୍ଷରୁ ରାମ ମନ୍ଦିର ସାମ୍ନାରେ ପୁଲ୍‌ୱାମାରେ ସହିଦ ହୋଇଥିବା ଭାରତୀୟ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

# ସୁବର୍ଣ୍ଣରେଖା ବନ୍ଦରର ଶିଳାନ୍ୟାସ

**ବାଲେଶ୍ୱର :** ବାଲେଶ୍ୱରରେ ଅନୁଷ୍ଠିତ ଯୁବ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳଠାରେ ୫ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ସୁବର୍ଣ୍ଣରେଖା ବନ୍ଦରର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ 'ଆପଣମାନେ ଖୁସି ତ' ବୋଲି ପ୍ରଶ୍ନ କରିଥିଲେ। ପ୍ରତ୍ୟୁତ୍ତରରେ ସାଧାରଣ ଜନତା ଏକ ସ୍ୱରରେ 'ହଁ' ଭରିଥିଲେ। ପୁଲିସ୍ ପ୍ୟାରେଡ ପଡ଼ିଆରେ ଆୟୋଜିତ ଯୁବ ସମାବେଶରେ ବାଲେଶ୍ୱର ଜିଲ୍ଲା ସମେତ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ୩୦ ହଜାରରୁ ଅଧିକ ବିଜୁ ଯୁବ ବାହିନୀର ଯୁବକ/ଯୁବତୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭୋଗରାଇରୁ ଅପରାହ୍ନ ୩ଟାରେ ଭୁବନେଶ୍ୱର ଫେରିବା ବାଟରେ ପୁଲିସ୍ ଲାଇନ୍ ପଡ଼ିଆରେ ପହଞ୍ଚିବା ପରେ ବିଭିନ୍ନ ପ୍ରକଳ୍ପର



ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ସେ ୫୭୮୨.୬୫ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ୪୩ଟି ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ୩୧୧.୧୪ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଥିବା ୩୩ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସେହିପରି ଭୋଗରାଇର ତାଳସାରୀଠାରେ ୭୫.୭୩ କୋଟି ଟଙ୍କାର ୨୧ଟି ପ୍ରକଳ୍ପର ଶିଳାନ୍ୟାସ ଓ ୭୫.୮୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କର ଦିନିକିଆ ଗସ୍ତକ୍ରମରେ ସର୍ବମୋଟ ୫୮୫୮.୩୮ କୋଟି ଟଙ୍କା ବ୍ୟୟ ଅଟକଳରେ ୬୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୩୮୭.୦୧ କୋଟି ଟଙ୍କା ବ୍ୟୟରେ ୪୫ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ସାଂସଦ ରବୀନ୍ଦ୍ର ଜେନା, ବିଧାୟକ ଜୀବନ ପ୍ରଦୀପ ଦାଶ, ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ଏହି ଯୁବ ସମାବେଶରେ ରାଜ୍ୟ ଯୁବକଲ୍ୟାଣ ପରିଷଦର ଅଧ୍ୟକ୍ଷ ଅରୂପ ମୋହନ ପଟ୍ଟନାୟକ ଅଧ୍ୟକ୍ଷତା କରି ଯୁବକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଯୁବକମାନେ କିଭଳି ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ହୋଇପାରିବେ ସେଥିପାଇଁ ସେବାମନୋଭାବ, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ବାର୍ ଆସୋସିଏସନ ତରଫରୁ ନାଟକ 'ଅହଂକାର'

**ଭୁବନେଶ୍ୱର :** ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଭୁବନେଶ୍ୱର ବାର୍ ଆସୋସିଏସନ ତରଫରୁ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବହୁଚର୍ଚ୍ଚିତ ନାଟକ 'ଅହଂକାର' ପ୍ରଦର୍ଶିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା କଳାକାରମାନେ ଯେଉଁଭଳି ଉଚ୍ଚକୋଟୀର ଅଭିନୟ କରିଥିଲେ ତାହା ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ନାଟକର ପ୍ରତ୍ୟେକ ଚରିତ୍ରରେ ଯେଉଁ ଯେଉଁ କଳାକାରମାନେ ଅଂଶଗ୍ରହଣ କରିଥିଲେ ସେମାନଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯେ, ଯେକେହି କହିବ ଏମାନେ ଥିଲେ ପେସାଦାର କଳାକାର। ବିଶେଷକରି ଆଇନଜୀବୀ ବିଷ୍ଣୁଚରଣ ଜେନା, ଶୀଳଭଦ୍ର ଶାସ୍ତ୍ରୀ ଏବଂ ମନୋଜ



ବଳିୟାରସିଂହଙ୍କ ଅଭିନୟ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ଅଭିନେତା, ଅଭିନେତ୍ରୀଙ୍କ ବେଶପରିପାଟୀ ବାସ୍ତବ ଧର୍ମୀ ହେବା ସହିତ ଏମାନଙ୍କ ଉଚ୍ଚମାନର ସଂଳାପ ପ୍ରେକ୍ଷାଳୟକୁ କରତାଳିରେ ପ୍ରକମ୍ପିତ କରିଥିଲା। ଏଥିରେ ବାର୍ ଆସୋସିଏସନର ବହୁ କଳାକାର ଅଂଶଗ୍ରହଣ କରିଥିଲେ।

## ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର କାର୍ଯ୍ୟକାରିଣୀ ବୈଠକ

# ତାରକ ମହାନ୍ତିଙ୍କୁ ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ

**ଭୁବନେଶ୍ୱର :** ଗତ ଗୁରୁବାର ଦିନ ଭାରତୀୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଓଡିଶା ଶାଖା ତରଫରୁ ୟୁନିଟ୍-୬ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାସଂଘର ରାଜ୍ୟ ସଭାପତି କମଳ ଲୋଚନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମହାସଂଘର ଜାତୀୟ ସଭାପତି ଅମ୍ବିକା ପ୍ରସାଦ ଦାସ ଉପସ୍ଥିତ ଥିଲେ । ଏଥିରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ବରିଷ୍ଠ ସାମ୍ବାଦିକ ତଥା 'ଏକମାତ୍ର'ର ସମ୍ପାଦକ ତାରକ ମହାନ୍ତିଙ୍କୁ ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପ-ସଭାପତି ଭାବେ ସୁବାସ ଚନ୍ଦ୍ର ହୋତା, ଯୁଗ୍ମ ସଂପାଦକ ବିଭୁଧେନ୍ଦ୍ର ବିଦ୍ୟାଧର, ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ହେମନ୍ତ ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଭାବେ ବିଶ୍ୱନାଥ ଜେନା, ଜୟନ୍ତୀ ପଢ଼ିହାରୀ, ରବୀନ୍ଦ୍ର ଜେନାଙ୍କୁ ନିର୍ବାଚିତ କରାଯାଇଥିଲା। ସେହିଭଳି ବ୍ରାହ୍ମିପ୍ରିୟା ସାମନ୍ତରାୟ ଓ ହିମାଂଶୁ ଖେଶର ସାହୁଙ୍କୁ ରାଜ୍ୟ ଶାଖାର ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଏହି ବୈଠକରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମାନଙ୍କୁ ବିଜ୍ଞାପନ ଦେବାରେ ଅଗ୍ରାଧିକାର ଦେବା, ସର୍ବନିମ୍ନ ପ୍ରସାରଣ ୧୦ ହଜାର ପରିବର୍ତ୍ତେ



୨ ହଜାର କରିବା ଓ ନ୍ୟୁଜପ୍ରିଣ୍ଟ ଉପରେ ୫% ଜିଏସ୍‌ଟି ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବାକୁ ପ୍ରସ୍ତାବ ଗ୍ରହଣ ସହିତ ଜାନୁଆରୀ ୧ ତାରିଖ ଠାରୁ ପରିବର୍ତ୍ତନ ହୋଇଥିବା ନୂତନ ବିଜ୍ଞାପନ ଦର ରାଜ୍ୟରେ ଲାଗୁ କରିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ଏନେଇ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ ମହାସଂଘର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।






## ଚତୁର୍ଥ ଓଡ଼ିଶା ଆର୍ଟ ଏଣ୍ଡ ଲିଟରେଚର ଫେଷ୍ଟିଭାଲ

# ଯୋଗଦେଲେ ୧୦ ଦେଶର ଲେଖକ ଓ ଚିତ୍ରକାର

**ଭୁବନେଶ୍ୱର :** ଗତ ୮ରୁ ୧୦ତାରିଖ ଯାଏ ଭୁବନେଶ୍ୱରର ଇଡିକଲ ଅଡିଟୋରିଅମ୍‌ରେ ମହାସମାରୋହରେ ପାଳିତ ହୋଇଯାଇଛି ଚତୁର୍ଥ ଓଡ଼ିଶା ଆର୍ଟ ଏଣ୍ଡ ଲିଟରେଚର ଫେଷ୍ଟିଭାଲ। ଏହି ଫେଷ୍ଟିଭାଲରେ ୧୦ଟି ଦେଶର ଲେଖକ ଓ ଚିତ୍ରକାର ଯୋଗ ଦେଇଥିବା ବେଳେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ବିଶିଷ୍ଟ ଲେଖକମାନେ ଯୋଗ ଦେଇଥିଲେ। ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ବିଶିଷ୍ଟ କବି ଡଃ ସୀତାକାନ୍ତ ମହାପାତ୍ର, ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ନାଟ୍ୟ ନିର୍ଦ୍ଦେଶକ ଡଃ ରତନ ଥିୟାମ୍ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଔପନ୍ୟାସିକା ଡଃ ପ୍ରତିଭା ରାୟ, ଭାରତ ସରକାରଙ୍କ ପୂର୍ବତନ ସଚିବ (ମାନବ ସମ୍ବଳ ବିକାଶ) ଓ ବିଶିଷ୍ଟ ସ୍ତମ୍ଭକାର ଡଃ ସତ୍ୟ ନାରାୟଣ ମହାନ୍ତି, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ନିର୍ଦ୍ଦେଶିକା ଡଃ ରୀତା ଚୌଧୁରୀ ଓ ଅଷ୍ଟ୍ରିଆର ପେନ୍ ଇଣ୍ଟରନ୍ୟାସନାଲ ସଂସ୍ଥାର ସଭାପତି ଡଃ ହେଲମୁଥ ନିଡ଼ର୍ଲେ। ତିନିଦିନ ବ୍ୟାପି ଏହି ଉତ୍ସବରେ ଯେଉଁ ବିଶିଷ୍ଟ ଲେଖକ ଭାଗ ନେଇଥିଲେ, ସେମାନଙ୍କ ଭିତରେ ଥିଲେ ଡଃ ଯତୀନ୍ ନାୟକ, ଡଃ ସଚ୍ଚିଦାନନ୍ଦ ମହାନ୍ତି, ପ୍ରେମାଙ୍କ



ଗୋସ୍ୱାମୀ, ଅଶେଷ ଗୁପ୍ତା, ଅନୁଭବ ତୁଳସୀ, ନିଳିମ କୁମାର, ଡଃ ଧ୍ରୁବଜ୍ୟୋତି ବୋରା, ଶାରଦୀ ସାଇକିଆ, ପିନାକି ଦେ, ଚନ୍ଦ୍ରହାସ ଚୌଧୁରୀ, ମନୁଆ ଦାଶ, ଭାରତ ମାଝୀ, ଅବ୍‌ଦୁଲା ଖାନ, ପ୍ରଜ୍ଜ୍ୱଳ ପରଜୁଲି, ସିରିନ କାଦ୍ରି, ସ୍ୱାତୀ ସୁଚରିତା ଓ କିଂସୁକ ନାଗ। ଏହି ଉତ୍ସବରେ ମରିସିଓ ଡି ଏ ଲିଣ୍ଡେ (ସ୍ପେନ୍), ହେଲମୁଥ ନିଡ଼ର୍ଲେ ଓ ମିତ୍ରା ଷ୍ଟ୍ରୋମାୟାର (ଅଷ୍ଟ୍ରୀୟା), ପ୍ୟାଟ୍ରିସିଆ ବର୍ଣ୍ଣାଡ଼ (ଅଷ୍ଟ୍ରେଲିଆ), ଆଜମ୍ ଓବିଡୋଭ (ଉଜବେକିସ୍ତାନ), ହାଭା ପିନାସ୍‌କୋହେନ, ସିପି ଲିଭି ବାଇରନ୍ ଓ ରବିବ୍ ବାଇରନ୍ (ଇଜ୍‌ରାଏଲ), ମାର୍ଗସ ଲାଟିକ୍ (ଇଷ୍ଟୋନିଆ), ସୋନାଭ୍ୟାନ୍ (ଆର୍ମେନିଆ), କ୍ଲସ୍ ଆଙ୍କରସନ (ଡେନ୍‌ମାର୍କ), ରୋଲାଣ୍ଡ ଓର୍କସିକ୍ (ହଙ୍ଗେରୀ), ଡାରିଅସ୍ ତୋମାସ୍ ଲେବିଓଡ୍ବା (ପୋଲାଣ୍ଡ)। ଆଇସିସିଆଇ ତରଫରୁ ବରିଷ୍ଠ ଅଧିକାରୀ ମୁନିସ୍ ସିଂଙ୍କ ତତ୍ତ୍ୱାବଧାନରେ ତ୍ରିପୁରାର ଅମ୍ରେଲା ନାଚ ଦର୍ଶକମାନଙ୍କ ମନ ମୋହିଥିଲା। ଓଡ଼ିଶା ଆର୍ଟ ଆଣ୍ଡ ଲିଟରେଚର ଫେଷ୍ଟିଭାଲ-୨୦୧୯ ପରି ଅନ୍ତର୍ଜାତିକ ଉତ୍ସବ ପାଇଁ ଏକଜ୍ୟୁକୁଟିଭ ସ୍ପନ୍ସର ଭାବେ ନର୍ଥ ଇଷ୍ଟର୍ଣ୍ଣ କାଉନ୍‌ସିଲ୍ ରହିଥିବା ବେଳେ ଆସୋସିଏଟସ୍ ସ୍ପନ୍ସର ଭାବେ ଥିଲେ କୋଲ ଇଣ୍ଡିଆ ଲିମିଟେଡ୍, ଗ୍ରାହ୍ମସ୍ ଏରୋସ୍ପେସ, ମଦର ଡେରୀ, ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍, ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ୍ ଓ ଏନ୍‌ସିଡିସି ସଂସ୍ଥାମାନେ ସହଯୋଗ କରିଥିଲେ।

# ଶେଷ ହେଲା ଯଶୁଆପୁର ମହୋତ୍ସବ

**ଭୁବନେଶ୍ୱର :** ବାଲିଅନ୍ତା ଯଶୁଆପୁର ମହୋତ୍ସବ କମିଟି ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଶୀତ ଆସର ଓ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡକ୍ଟର ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଚର୍ଚ୍ଚା ଓ କବିତା ପାଠୋତ୍ସବ ହୋଇଥିଲା। ଚିତ୍ତରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ବିଧୁଭୂଷଣ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ସୁରେନ୍ଦ୍ର ପ୍ରଧାନ ବାଲିଅନ୍ତା ମାଟିର ମହାନତା ଏବଂ ଓଡ଼ିଆ ସାହିତ୍ୟକୁ ଏହି ଅଞ୍ଚଳର ଅବଦାନ ସମ୍ପର୍କରେ ବକ୍ତବ୍ୟ



ରଖିଥିଲେ। ଏଥିରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଠାରୁ ଅନନ୍ତ ପଟ୍ଟନାୟକଙ୍କ ସହ ଅନେକ ବରେଣ୍ୟ ସ୍ରଷ୍ଟାଙ୍କ ନାମ ଉଲ୍ଲେଖ କରିଥିଲେ। ଗ୍ରାମ୍ୟ ପରିବେଶରେ ଆୟୋଜିତ କବିତା ଆସରରେ କବି ଦୁର୍ଗାଚରଣ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ଏଥିରେ ଶତାଧିକ କର୍ମୀ କବିତା ପାଠ କରିବା ସହିତ ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରା ପଠିତ କବିତା ଗୁଡିକର ସଂଯୋଜନା କରିଥିଲା ବେଳେ କବିତ ଦିଲ୍ଲୀପ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଘୁନାଥପୁର ବିଜେପି ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି


**ରଘୁନାଥପୁର :** ରଘୁନାଥପୁର ବିଜେପି ପକ୍ଷରୁ ସୁବାଷ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶତାଧିକ ଲୋକ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଭାରତୀୟ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ଅଶୋକ କୁମାର ମହାରଣା, ନିର୍ମଳ ମହାପାତ୍ର, ଅଜିତ ମହାରଣା, ଶିବ ପ୍ରସାଦ ଦାସ, ବାବୁଲା ଭୋଳ, ଶୁଭୋଦ ଜେନା, ଗଣେଶ ସାହୁ, ନତ୍ୟାନନ୍ଦ ସ୍ୱାଇଁ, ଅଶୋକ ଦାସ, ସୁକାନ୍ତ ସ୍ୱାଇଁ ପ୍ରମୁଖ ଥିଲେ।






PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି